# ପରଜା ଭାଷା ଶିକ୍ଷଣ ପୁସ୍ତିକା

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# ପରଜା ଭାଷା ଶିକ୍ଷଣ ପୁସ୍ତିକା

*ତଥ୍ୟ ସଂଗ୍ରହ ଓ ସହାୟତା :*

ଶ୍ରୀ ଭଗବାନ ନାଏକ

*ନିର୍ଦ୍ଦେଶନା :*

ଡ଼ଃ ଅନନ୍ତ ଚରଣ ସାହୁ

## ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

## ପରଜା ଭାଷା ଶିକ୍ଷଣ ପୁସ୍ତିକା

©ପ୍ରକାଶକ : ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ
ଆଦିବାସୀ ପ୍ରଦର୍ଶନୀ ପ୍ରାନ୍ତର
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

ପ୍ରଥମ ପ୍ରକାଶ : ଡିସେମ୍ବର, ୨୦୦୬

ମୁଦ୍ରଣ : ଜ୍ଞାନଯୁଗ ପବ୍ଲିକେଶନ
ଆଇ.ଆର.ସି. ଭିଲେଜ, ନୟାପଲ୍ଲୀ
ଭୁବନେଶ୍ୱର - ୭୫୧୦୧୫

ମୂଲ୍ୟ : ୨୦.୦୦ ଟଙ୍କା ମାତ୍ର

## PARAJA BHASHA SIKSHYANA PUSTIKA

©***Publisher :*** Director

Academy of Tribal Dialects & Culture
Adivasi Exhibition Ground
Unit - I, Bhubaneswar - 751 009

**First Edition :** December, 2006

**Printed at :** **Gyanajuga Publication**
IRC Village, Nayapalli,
Bhubaneswar - 751015

**Price :** Rs. 20.00 only

# ମୁଖବନ୍ଧ

ଆଦିବାସୀ ବହୁଳ ରାଜ୍ୟଭାବରେ ଓଡ଼ିଶା ଭାରତରେ ଏକ ବିଶିଷ୍ଟ ସ୍ଥାନ ଗ୍ରହଣ କରିଛି । ଓଡ଼ିଶାରେ ୬୨ ପ୍ରକାରର ଜନଜାତି ବସବାସ କରି ଆସୁଛନ୍ତି ଯାହା ସାମଗ୍ରୀକ ଜନସଂଖ୍ୟାର ୨୨.୨୧ ଭାଗ । ୧୯୯୧ ଜନଗଣନା ଅନୁସାରେ ଏମାନଙ୍କର ସଂଖ୍ୟା ୭୦,୩୨,୨୧୪ । ଓଡ଼ିଶାର ଆଦିବାସୀମାନେ ତିନିଭାଷା ପରିବାରର ଅନ୍ତର୍ଭୁକ୍ତ ଏବଂ ସେମାନଙ୍କର ଭାଷା ନିମ୍ନମତେ ବର୍ଗୀକୃତ ।

୧. ଗୋଷ୍ଠୀ ପରିଚୟ ଥାଇ ସ୍ୱବର୍ଗୀୟ ଭାଷା, ୨. ଗୋଷ୍ଠୀ ପରିଚୟ ଥାଇ ପରବର୍ଗୀୟ ଭାଷା , ୩. ଗୋଷ୍ଠୀ ପରିଚୟ ନଥାଇ ମୌଳିକ ଭାଷା ବା ସଂଯୋଜକଭାଷା ।

ପ୍ରଥମ ଗୋଷ୍ଠୀ ଅଧୀନରେ ସାନ୍ତାଳ, ମୁଣ୍ଡା, ଜୁଆଙ୍ଗ, ବଣ୍ଡା, କୁଇ, କୁଭି ଓ ଓରାମ ପ୍ରମୁଖ ବର୍ଗ ଅନ୍ତର୍ଭୁକ୍ତ ହେଉଥିବା ବେଳେ ଦ୍ୱିତୀୟ ଗୋଷ୍ଠୀ ଅଧୀନରେ ବାଥୁଡ଼ି, ଭୂୟାଁ, ଭତ୍ରା, ହଲବା, ବିଂଝିଆ, ଭୂମିଆ, ଓ ପରଜା ପ୍ରମୁଖ ଅନ୍ତର୍ଭୁକ୍ତ । ଅତୀତରେ ଏମାନଙ୍କର ନିଜସ୍ୱ ମୌଳିକ ଭାଷା ବିଦ୍ୟମାନ ଥିଲା, ମାତ୍ର ସମୟକ୍ରମେ ସେମାନେ ନିଜସ୍ୱ ଭାଷାକୁ ଭୂଲି ପରବର୍ଗୀୟ ଭାଷା-ଗୋଷ୍ଠୀରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ତୃତୀୟ ଗୋଷ୍ଠୀରେ କୌଣସି ନିର୍ଦ୍ଦିଷ୍ଟ ବର୍ଗ ସମ୍ପୃକ୍ତ ନଥିଲେ ସୁଦ୍ଧା ସେମାନେ ଅର୍ନ୍ତଗୋଷ୍ଠୀୟ ସ୍ତରରେ, ଦୁଇ ଭିନ୍ନ ଭାଷାଭାଷୀ ଗୋଷ୍ଠୀର ଜନସମୁଦାୟ, ଏକ ତୃତୀୟ ଭାଷାକୁ ଯୋଗାଯୋଗ ଭାଷା ହିସାବରେ ଗ୍ରହଣ କରି ନେଇଛନ୍ତି । ଏହି ଭାଷା ହେଉଛି ସଂଯୋଜକ ଭାଷା ବା Lingua Franca । ଏହି Lingua Franca ଅଧୀନରେ ଓଡ଼ିଶାର ଉତ୍ତର-ପଶ୍ଚିମାଞ୍ଚଳରେ କଥିତ ସାଦ୍ରୀଭାଷା ତଥା ଦକ୍ଷିଣାଞ୍ଚଳରେ କଥିତ ଦେଶିଆ ଭାଷା ପ୍ରଧାନ । ଏହି ଭାଷା ଦ୍ୱୟ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା କଥିତ ହେଉନଥିଲେ ସୁଦ୍ଧା ସମ୍ପୃକ୍ତ ଅଞ୍ଚଳର ସମସ୍ତ ଜନଜାତିଙ୍କ ଯୋଗାଯୋଗର ଭାଷା ହିସାବରେ ପ୍ରଚଳିତ । ଏହି ସଂଯୋଜକ ଭାଷାଗୁଡ଼ିକରେ ମଧ୍ୟ ସମୃଦ୍ଧ ଲୋକ ସାହିତ୍ୟ ଏବଂ ଉନ୍ନୀତ ବ୍ୟାକରଣ ରହିଛି ।

ଓଡ଼ିଶାର ଆଦିବାସୀ ସମାଜ ତ୍ରିବିଧ ପ୍ରମୁଖ ଜନଜାତି ପରିବାରର ଅନ୍ତର୍ଭୁକ୍ତ ; ଯଥା : ଅଷ୍ଟ୍ରିକ (ମୁଣ୍ଡା), ଦ୍ରାବିଡ ଓ ଭାରତୀୟ ଆର୍ଯ୍ୟ । ପ୍ରତ୍ୟେକ ଜନଜାତି ପରିବାରର ଭାଷା ସ୍ୱତନ୍ତ୍ର ଏବଂ ପ୍ରତ୍ୟେକ ପରିବାର ଅନ୍ତର୍ଗତ ଗୋଷ୍ଠୀଗୁଡ଼ିକର ଭାଷା ମଧ୍ୟ ଭିନ୍ନ

ଭିନ୍ନ । ବର୍ତ୍ତମାନ ପ୍ରାୟ ୨୨ ରୁ ଅଧିକ ଗୋଷ୍ଠୀ ନିଜର ମାତୃଭାଷା ବ୍ୟବହାର କରୁଥିଲାବେଳେ ଅବଶିଷ୍ଟ ଗୋଷ୍ଠୀ ସ୍ଥାନୀୟ ଓଡ଼ିଆ ଉପ-ଭାଷାଗୁଡ଼ିକୁ ନିଜର ପ୍ରଥମ ଭାଷା ରୂପେ ଗ୍ରହଣ କରି ନେଉଛନ୍ତି । ତେବେ ଓଡ଼ିଶାର ଆଦିବାସୀଙ୍କ ଭିତରେ ନିମ୍ନଲିଖିତ ଭାଷା ଓ ଉପଭାଷା ପ୍ରଚଳିତ ।

**ମୁଣ୍ଡା :** ଭୂମିଜ, ବିର୍‌ହୋର୍, ଗେମ(ବଣ୍ଡା), ଗତାଃ(ଡ଼ିଡାୟୀ), ଗୁତବ୍(ଗଦବା), ସୋରା(ସଉରା), ପାରେଙ୍ଗା, ଖଡ଼ିଆ, ଜୁଆଙ୍ଗ, ସାନ୍ତାଳୀ, ହୋ, ମୁଣ୍ଡାରୀ, ମାହାଲୀ ଇତ୍ୟାଦି ।

**ଦ୍ରାବିଡ଼ :** ଗୋଣ୍ଡୀ, କଣ୍ଡା, କୁଇ, କୁଭି-କନ୍ଧ, କିସାନ, କୋୟା, କୋଲାମା, ନାଇକୀ ଓଲାରୀ, ପାର୍ଜୀ, ପେଙ୍ଗ, କୁଡୁଖ୍ (ଓରାଓଁ) ଇତ୍ୟାଦି ।

**ଭାରତୀୟ ଆର୍ଯ୍ୟ :** ବାଥୁଡ଼ି, ଭୂୟାଁ, କୁର୍‌ମାଲୀ, ସାଉଁତି, ସାଦ୍ରୀ, କନ୍ଧାନ୍, ଅଘ୍ରିଆ, ଦେଶିଆ, ଝରିଆ, ହାଲ୍‌ବି, ଭତ୍ରା, ମାଟିଆ, ଭୁଞ୍ଜିଆ ଇତ୍ୟାଦି ।

ଏହିସବୁ ଭାଷା ମଧ୍ୟରୁ କେବଳ ଚାରୋଟି ଭାଷାରେ ଲିପି ବିକଶିତ ହୋଇଛି । ସେ ଚାରୋଟି ଲିପି ହେଉଛି – ସାନ୍ତାଳୀ (ଅଲ୍‌ଚିକି), ସଉରା (ସୋରାଂ ସୋମ୍‌ପେଙ୍), ହୋ (ୱାରାଂଚିତି), ଏବଂ କୁଇ (କୁଇ ଲିପି) । ଏଥି ମଧ୍ୟରୁ ସାନ୍ତାଳୀ ଓ ସଉରା ଲିପିରେ ବହିପତ୍ର ମୁଦ୍ରଣ ହେଉଛି । ଅନ୍ୟ ଆଦିବାସୀ ଭାଷାରେ ଯାହା ସାହିତ୍ୟ ଲେଖାଯାଉଛି ତାହା ରୋମାନ୍, ଦେବନାଗରୀ, ବଙ୍ଗଳା, ତେଲୁଗୁ ଏବଂ ଓଡ଼ିଆ ଲିପିରେ ହିଁ ପ୍ରକାଶ ପାଉଛି ।

ଓଡ଼ିଶାରେ ସରକାରୀ ବ୍ୟବସ୍ଥାରେ ଓଡ଼ିଆ ଭାଷା ଏକ ମାଧ୍ୟମ । ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାଠାରୁ ଆରମ୍ଭ କରି କର୍ମକ୍ଷେତ୍ର ପର୍ଯ୍ୟନ୍ତ ଏହାର ପ୍ରୟୋଗ ରହିଛି । ଆଦିବାସୀମାନେ ସେମାନଙ୍କ ଭାଷା ବ୍ୟତିରେକ ଓଡ଼ିଆ ଭାଷା ସହିତ ପରିଚିତ ନଥିବାରୁ ଅନେକ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ସେମାନଙ୍କ ନିଟକରେ ପହଞ୍ଚାଇବା ସମୟରେ ସରକାରଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଫଳତଃ ଉନ୍ନୟନମୂଳକ ଯୋଜନାର ରୂପାୟନ ସମ୍ଭବ ହୋଇପାରେ ନାହିଁ । ଏହାକୁ ଦୃଷ୍ଟିରେ ରଖି ଆଦିବାସୀ ଲୋକମାନଙ୍କ ପାଖରେ ଉନ୍ନୟନ ଯୋଜନା ଓ ଶିକ୍ଷା ବ୍ୟବସ୍ଥାକୁ ପହଞ୍ଚାଇବାକୁ ସରକାର ଆଦିବାସୀ ଅଞ୍ଚଳରେ କାମ କରୁଥିବା ବିଭିନ୍ନ ବିଭାଗର କର୍ମଚାରୀ ତଥା ଶିକ୍ଷକମାନଙ୍କୁ ସମ୍ପୃକ୍ତ ଅଞ୍ଚଳରେ ଆଦିବାସୀଭାଷାରେ ତାଲିମ୍ ଦେବାର ବ୍ୟବସ୍ଥା ପ୍ରବର୍ତ୍ତନ କରିଛନ୍ତି ।

ଆଦିବାସୀ ଭାଷାରେ ତାଲିମ ପାଇ ଜଣେ କର୍ମଚାରୀ ଆଦିବାସୀମାନଙ୍କର ନିକଟତର ହୋଇପାରିବ ଏବଂ ଉନ୍ନୟନ ଯୋଜନାର ସଫଳ ରୂପାୟନ ପାଇଁ ସକ୍ଷମ ହୋଇପାରିବ । ସରକାରଙ୍କର ଏହି ଆଭିମୂଖ୍ୟକୁ ଦୃଷ୍ଟିରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଉପଯୋଜନା ଅଞ୍ଚଳରେ ବିଭିନ୍ନ ପ୍ରମୁଖ ଆଦିବାସୀ ଭାଷାଗୁଡ଼ିକରେ ଭାଷା ପ୍ରଶିକ୍ଷଣ କେନ୍ଦ୍ରମାନ ସ୍ଥାପନକରି ସ୍ଥାନୀୟ ସରକାରୀ କର୍ମଚାରୀ ଏବଂ ଶିକ୍ଷକମାନଙ୍କୁ ତାଲିମ୍ ପ୍ରଦାନ କରିଆସୁଛି । ତାଲିମ୍ ବ୍ୟବସ୍ଥାକୁ ସହଜ ଏବଂ ସଫଳ କରିବା ପାଇଁ ଏକ ସହାୟକ ପୁସ୍ତିକା ଏକାଡ଼େମୀ ପ୍ରସ୍ତୁତ କରିଛି । ଏହି ପୁସ୍ତିକା ପ୍ରମୁଖ ଆଦିବାସୀ ଭାଷା ମାନଙ୍କରେ ରଚିତ । ବ୍ୟାକରଣ, ରଚନାବଳୀ ଏବଂ ଶବ୍ଦକୋଷ ସମ୍ଭାରରେ ସମୃଦ୍ଧ । ଭାଷା ପ୍ରଶିକ୍ଷଣ ସମୟରେ ଏହି ପୁସ୍ତିକାକୁ ଆଧାରକରି ପ୍ରଶିକ୍ଷଣ ଦିଆଯାଉଥିଲେ ସୁଦ୍ଧା ସୀମିତ ସମୟ ମଧ୍ୟରେ ଭାଷା ଶିକ୍ଷା ସହଜସାଧ୍ୟ ନୁହେଁ । ତେଣୁ ସମୟୋପଯୋଗୀ ଭାଷାର ଦୈନନ୍ଦିନ ବ୍ୟବହାରକୁ ନେଇ ଉନ୍ନୟନ ପ୍ରାଧିକାରୀ ଏବଂ ଜନଜାତି ଗୋଷ୍ଠୀଙ୍କ ସହ ସମୁଚିତ ଭାବେ ଭାବଗତ ଆଦାନ ପ୍ରଦାନର ମାଧ୍ୟମ ହିସାବରେ ଭାଷା ଶିକ୍ଷାର ଆବଶ୍ୟକତାକୁ ଲକ୍ଷ୍ୟକରି ଏକ ସରଳ ଭାଷା ଶିକ୍ଷଣ ପୁସ୍ତିକାର ପରିକଳ୍ପନା କରାଯାଇଛି । ଏଥିରେ ନୀତି ପ୍ରତିଦିନ ପ୍ରଜାତିକ ଗୋଷ୍ଠୀ ସହ ହେଉଥିବା ଆଳାପ ଆଲୋଚନାକୁ କେତୋଟି ସରଳବାକ୍ୟ ଛଳରେ ସିଧାସଳଖ ଉଦାହରଣ ହିସାବରେ ଦର୍ଶାଯାଇଛି । ଫଳତଃ ଉନ୍ନୟନ ବ୍ୟବସ୍ଥା ଏବଂ ପ୍ରଜାତିକ ଜନଗୋଷ୍ଠୀର ମାନସିକତା ସହ ଉଭୟେ ପରିଚିତ ହେବେ, ଆନ୍ତରିକତା ବଢିବା ସଙ୍ଗେ ସଙ୍ଗେ ପ୍ରତି ପ୍ରତ୍ୟେକଙ୍କ ସହ ବିଶ୍ୱାସ ଭାଜନ ହେବେ । ବିଶ୍ୱାସଟିଏ ପ୍ରତିଷ୍ଠିତ ହୋଇଗଲେ ଯୋଜନା ରୂପାୟନ କରିବା ସହଜ ସାଧ୍ୟ ହୁଏ । ଏହି ବିଶ୍ୱାସକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଶିକ୍ଷଣ ପୁସ୍ତିକା ପ୍ରସ୍ତୁତ କରାଯାଇଛି । ପ୍ରସ୍ତୁତ "ପରଜା ଭାଷା ଶିକ୍ଷଣ ପୁସ୍ତିକା" ତନ୍ମଧ୍ୟରୁ ଅନ୍ୟତମ ।

ଏହି ପୁସ୍ତିକା ନିମନ୍ତେ ତଥ୍ୟ ସଂଗ୍ରହ କରିଛନ୍ତି ଶ୍ରୀ ଭଗବାନ ନାଏକ । ପ୍ରୁଫ୍ ସଂଶୋଧନରେ ଶ୍ରୀ ଯୁଧିଷ୍ଠିର ସାହୁଙ୍କ ଶ୍ରମ ସ୍ୱୀକୃତ, ଡି.ଟି.ପି. କାର୍ଯ୍ୟ ସଂଯୋଜନାରେ ଶ୍ରୀ ଭରତ ଚନ୍ଦ୍ର ନାଏକ ଓ ଶ୍ରୀ ଦିଲ୍ଲୀପ କୁମାର ପାଢୀଙ୍କ ସହାୟତା ସ୍ମରଣୀୟ । ପୁସ୍ତିକା ପ୍ରକାଶନ ଅବସରରେ ଏକାଡ଼େମୀ ଏମାନଙ୍କ ନିକଟରେ କୃତଜ୍ଞ ।

ଅନନ୍ତ ଚରଣ ସାହୁ

ନିର୍ଦ୍ଦେଶକ

# ସୂଚୀପତ୍ର


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| I. | ମୁଖବନ୍ଧ | |
| ୧. | ଉପକ୍ରମଣିକା | ୧-୩ |
| ୨. | ସର୍ବନାମ ଏବଂ ଏହାର ପ୍ରୟୋଗ | ୪-୧୦ |
| ୩. | ଶରୀରର ବିଭିନ୍ନ ଅଂଶର ନାମ | ୧୧-୧୩ |
| ୪. | ପ୍ରାକୃତିକ ନାମ | ୧୪-୧୫ |
| ୫. | ବିଭିନ୍ନ ପ୍ରକାର ଜମିର ନାମ | ୧୫ |
| ୬. | ବିଭିନ୍ନ ପ୍ରକାର ଶସ୍ୟ ଓ ଫୁଲର ନାମ | ୧୬-୧୭ |
| ୭. | ବିଭିନ୍ନ ପ୍ରକାର ଗଛର ନାମ | ୧୮-୧୯ |
| ୮. | ଘରର ବିବରଣୀ | ୧୯ |
| ୯. | ସରଞ୍ଜାମ | ୨୦ |
| ୧୦. | ବାର, ମାସ ଏବଂ ଋତୁ | ୨୧ |
| ୧୧. | ସାଧାରଣ କ୍ରିୟା | ୨୨-୨୪ |
| ୧୨. | କାଳ : ବର୍ତ୍ତମାନ, ଅତୀତ, ଭବିଷ୍ୟତ | ୨୫-୩୩ |
| ୧୩. | ସାଧାରଣ ବାକ୍ୟାବଳୀ | ୩୪-୮୬ |
| ୧୪. | କେତେକ ଶିଷ୍ଟାଚାର ଶବ୍ଦ ଏବଂ ଖଣ୍ଡବାକ୍ୟ | ୮୭-୮୮ |
| ୧୫. | ଆଦେଶ / ଅନୁଜ୍ଞା ବାକ୍ୟାବଳୀ | ୮୯-୯୨ |

# ଉପକ୍ରମଣିକା

ଓଡିଶାରେ ମୁଖ୍ୟତଃ ୬୨ ପ୍ରକାରର ଆଦିବାସୀ ବସବାସ କରନ୍ତି । ସେମାନଙ୍କ ମଧ୍ୟରୁ ପରଜା ହେଉଛି ଶ୍ରେଷ୍ଠ ସଂସ୍କୃତି ସଂପନ୍ନ ଜନଜାତି । ଏହି ପ୍ରମୁଖ ପରଜା ଆଦିବାସୀମାନେ ମୁଖ୍ୟତଃ ଅବିଭକ୍ତ କୋରାପୁଟ ଏବଂ କଳାହାଣ୍ଡି ଜିଲ୍ଲାରେ ବହୁଳ ଭାବରେ ବସବାସ କରୁଥିଲା ବେଳେ ଅନ୍ୟାନ୍ୟ ଜିଲ୍ଲା ସମୂହରେ ବିକ୍ଷିପ୍ତ ଭାବେ ବସବାସ କରିଆସୁଛନ୍ତି । ତେବେ ଏମାନଙ୍କର ଜନବସତି ରାୟଗଡା ଜିଲ୍ଲାର ଗୁଡାରି, ପଦ୍ମପୁର, ରାୟଗଡା, କୋଲ୍‌ନରା, କାଶୀପୁର ଓ କଲ୍ୟାଣସିଂହପୁର ବ୍ଲକ୍; କୋରାପୁଟ ଜିଲ୍ଲାର ଜୟପୁର, ବୋରିଗୁମ୍ମା, କୋଟ୍‌ପାଡ୍, ବୈପାରିଗୁଡା, କୁନ୍ଦୁରା, ପଟାଙ୍ଗୀ, ନନ୍ଦପୁର, ଦଶମନ୍ତପୁର, ଲମ୍‌ତାପୁଟ୍ , ନାରାୟଣପାଟଣା, ଲକ୍ଷ୍ମୀପୁର, ଏବଂ ବନ୍ଧୁଗାଁ ବ୍ଲକ୍, ମାଲକାନ୍‌ଗିରି ଜିଲ୍ଲାର ମାଲକାନ୍‌ଗିରି, କୋରକୁଣ୍ଡା, କାଲିମେଳା, ଏବଂ କୁଦୁମୁଲଗୁମା ବ୍ଲକ୍; ନବରଙ୍ଗପୁର ଜିଲ୍ଲାର ଝରିଗାଁ, ଚନ୍ଦାହାଣ୍ଡି ଏବଂ ଡାବୁଗାଁ ସମୂହରେ ବହୁଳ ଭାବରେ ରହିଛନ୍ତି । ପରଜାମାନେ ମୂଳତଃ ଦ୍ରାବିଡ ଭାଷା ପରିବାର ଅନ୍ତର୍ଭୁକ୍ତ ହୋଇଥିଲେ ହେଁ ଭାଷିକ ବିବର୍ତ୍ତନରେ ସଂପ୍ରତି ଭାରତୀୟ ଆର୍ଯ୍ୟଗୋଷ୍ଠୀର ସ୍ଥାନୀୟ ଉପଭାଷାକୁ ନିଜ ମାତୃଭାଷା ହିସାବରେ ଗ୍ରହଣ କରି ନେଉଛନ୍ତି । ତଥାପି ଉଚ୍ଚାରଣ ଏବଂ ଶବ୍ଦ ସଂରଚନାରେ ଦ୍ରାବିଡ ପ୍ରଭାବର ବହୁଳତା ତାଙ୍କ ଭାଷାରେ ଉପଲବ୍ଧ। ୧୯୯୧ ଜନଗଣନା ଅନୁସାରେ ଏହି ପରଜା ଜନଗୋଷ୍ଠୀର ମୋଟ ସଂଖ୍ୟା ୩, ୫୩, ୫୩୬ (୫. ୦୩%) । ୧୯୮୧ ଜନଗଣନା ଅନୁସାରେ ମୋଟ ଜନସଂଖ୍ୟା ୨, ୬୭, ୧୮୪ ଥିଲା । ଲିଙ୍ଗ ଅନୁସାରେ ଏମାନଙ୍କ ସଂଖ୍ୟା ୧୦୦୦ ପୁରୁଷରେ ୧୦୩୩ ମହିଳା ।

'ପରଜା' ଶବ୍ଦଟି ହେଉଛି ଏକ ଆଞ୍ଚଳିକ ତଥା ଆର୍ଯ୍ୟାନୁଗ ଶବ୍ଦ । ସମୟେ ସମୟେ 'ପରଜା', ପର୍ଜା କିମ୍ବା ପୋରୋଜା ହିସାବରେ ଏହାର ଉଚ୍ଚାରଣ ଗତ ପାର୍ଥକ୍ୟ ଲକ୍ଷ୍ୟ କରାଯାଇଥାଏ । 'ପରଜା' ଶବ୍ଦଟି ସଂସ୍କୃତ ଶବ୍ଦ 'ପ୍ରଜା'ରୁ ଆସିଅଛି । ଯାହାର ଆକ୍ଷରିକ ଅର୍ଥ ହେଉଛି 'ସାଧାରଣ ଲୋକ' ।

ସ୍ୱାଧୀନତା ପୂର୍ବରୁ ରାଜା କିମ୍ବା ଜମିଦାରମାନଙ୍କ ଅଧିନସ୍ଥ ନାଗରିକ ଗୋଷ୍ଠୀ ସାଧାରଣତଃ ପ୍ରଜା ହିସାବରେ କଥିତ ହେଉଥିଲେ । ଯାହା କାଳାନୁକ୍ରମେ ସେମାନେ ପରଜା ବୋଲାଇଲେ । ଏବଂ ଏହି ପରଜାରୁ ସେମାନଙ୍କ ସ୍ୱତନ୍ତ୍ର ଗୋଷ୍ଠୀ ପରଜାର ଉଦ୍ଭବ ହୋଇଥିବାର ବିଶ୍ୱାସ କରାଯାଏ । ପ୍ରଥମତଃ ରାଜା ଏବଂ ପ୍ରଜାବର୍ଗ ଭାଇ ଭାଇ ହୋଇ ବସବାସ କରୁଥିଲେ । ପରେ ଶାସକ (ରାଜା / ଜମିଦାର) ବର୍ଗ ବିଳାସ ବ୍ୟସନରେ ବ୍ୟସ୍ତ ରହିଲେ ଏବଂ ତାଙ୍କ ଭିନ୍ନ ଅନ୍ୟ ସାମାଜିକବର୍ଗ ଶାସିତ ବର୍ଗର ସୃଷ୍ଟି ହେଲା । ଓଡିଆ ଭାଷାରେ ପରଜା ଶବ୍ଦର ଅନ୍ୟ ଅର୍ଥ ହେଉଛି 'ଚାଷୀ' ବା 'ରୟତ' ।

ଗଣ୍ଡ, କନ୍ଧ ଏବଂ ଗଦବା ପ୍ରମୁଖ ପ୍ରଜାତି ଗୋଷ୍ଠୀ ଭଳି ପରଜା ଆଦିବାସୀ ନିଜସ୍ୱ ମୌଳିକ ପରମ୍ପରାର ଅଧିକାରୀ । କୋରାପୁଟ ଜିଲ୍ଲାରେ ଏମାନେ ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀ ଯଥା ରଣା, ପାଇକ, ମାଳୀ, ଡମ୍ବ, ଗଦବା ଏବଂ କନ୍ଧମାନଙ୍କ ସହିତ ବସବାସ କରୁଥିବାର ଜଣାଯାଏ । ଦକ୍ଷିଣ ଓଡିଶାରେ ପରଜା ଆଦିବାସୀଙ୍କୁ ସାଧାରଣତଃ ଚାରିଭାଗରେ ବିଭକ୍ତ କରାଯାଇଥାଏ । ସେଗୁଡିକ ମଧ୍ୟରୁ

(୧) ବଡ ପରଜା ବା ସୋଡିଆ ପରଜା

(୨) ବଡ ଝୋଡିଆ ପରଜା ବା ପେଙ୍ଗୁପରଜା

(୩) ବାରେଙ୍ଗ ଝଡିଆ ପରଜା

(୪) କନ୍ଧ ପରଜା ବା ସେଲିଆ (ଛେଲିଆ) ପରଜା

ମୁଖ୍ୟତଃ ପରଜା ଆଦିବାସୀ ଦୁଇଗୋଷ୍ଠୀରେ ବିଭକ୍ତ । ଯଥା – ବଡ ପରଜା ଏବଂ ସାନ ପରଜା । ଏମାନଙ୍କ ସାଂସ୍କୃତିକ ସମାନତା ସତ୍ତ୍ୱେ ଉଭୟ ଉପଗୋଷ୍ଠୀର ରୀତିନୀତି ମଧ୍ୟରେ କେତେକ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ବଡ ପରଜାମାନେ ହିନ୍ଦୁ ପରଂପରାକୁ ଅନୁସରଣ କରିଥାନ୍ତି । ଗାଈ ଓ ମଈଷିର ମାଂସ ଭକ୍ଷଣ କରିନଥାନ୍ତି । ଏପରିକି କାହାରି ଯଦି ଗାଈ କିମ୍ବା ମଇଁଷି ମରିଯାଏ, ସେତେବେଳେ ପବିତ୍ରତାର ସହିତ ପୂଜାବିଧି ପାଳନ ପୂର୍ବକ ତାକୁ ସତ୍କାର

କରୁଥିବା ବେଳେ ସାନ ପରଜାମାନେ ଗାଈ ଓ ମଇଁଷିର ମାଂସ ଭକ୍ଷଣ କରୁଥିବାର ଜଣାଯାଏ । ସାଧାରଣତଃ ସାନ ପରଜାଠାରୁ ବଡପରଜା ବିକାଶଶୀଳ ଗୋଷ୍ଠୀ ଏବଂ ଆର୍ଥିକ ଦୃଷ୍ଟିରୁ ମଧ୍ୟ ଅଗ୍ରସର । ତତ୍ କାଳୀନ ରାଜତନ୍ତ୍ରରେ ବିଭିନ୍ନ ପଦପଦବୀରେ ନିଯୁକ୍ତି ହେବା ଫଳତଃ ତାଙ୍କ ଆଦଃ କାଇଦା ରୀତିନୀତିରେ ହିନ୍ଦୁ ପରମ୍ପରାର ଅନୁପ୍ରବେଶ ଘଟିଥିବାର ଅନୁମେୟ ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ପୂର୍ବରୁ ଡ଼ିଡ଼ାୟୀ ଭାଷାରେ ଭାଷା ଓ ଶବ୍ଦକୋଷ ସମ୍ପର୍କୀତ ଗୋଟିଏ ପ୍ରାମାଣିକ ପୁସ୍ତକ ପ୍ରକାଶ କରିଛି । ଏଥିରେ ଡିଡାୟୀ ବ୍ୟାକରଣର ପ୍ରାରୂପ ସମ୍ପର୍କରେ ଆଲୋଚନା କରାଯାଇଛି । ତେବେ ଡ଼ିଡ଼ାୟୀ ଭାଷାକୁ ସହଜ ଓ ସରଳଭାବରେ ଶିଖିବା ପାଇଁ ସମ୍ପ୍ରତି ଏକାଡ଼େମୀ ଦ୍ୱାରା ଡ଼ିଡ଼ାୟୀ ଭାଷା ଶିକ୍ଷଣ ପୁସ୍ତିକାର ପରିକଳ୍ପନା କରାଯାଇଛି ।

ଭାଷା ଶିକ୍ଷଣ ପ୍ରକ୍ରିୟା ଏକ ଜଟିଳ ପଦ୍ଧତି । କିନ୍ତୁ ଥରେ ଆୟତ୍ତ ହୋଇଗଲେ ଶିକ୍ଷଣ ପଦ୍ଧତି ସରଳ ହୋଇଥାଏ । ଏହି ସରଳ ପ୍ରକ୍ରିୟା ଆଉ କି ପଦ୍ଧତି ଅବଲମ୍ବନରେ ସ୍ୱରଳତର ହେବ ତାହା ପାଠକୀୟ ଆବେଦନ ଉପରେ ନିର୍ଭର କରେ । ଏହି ସଙ୍କଳନଟି ଏକ ପ୍ରାଥମିକ ପଦକ୍ଷେପ । ପାଠକଙ୍କ ମତାମତ ଲାଭ କଲାପରେ ଏକାଡ଼େମୀ ଆହୁରି ସରଳ କରିବାର ଯୋଜନା ରଖିବ । ପରବର୍ତ୍ତୀ ସଂସ୍କରଣରେ ପାଠକଙ୍କ ମତାମତକୁ ସମ୍ମାନ ଜଣାଇ ଆବଶ୍ୟକୀୟ ପାରିମାର୍ଜନ ଓ ପରିବର୍ଦ୍ଧନ କରିବାକୁ ଚେଷ୍ଟା କରିବ ।

❖❖❖

# PRONOUN ସର୍ବନାମ

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| I | ମୁଁ | ମୁଇଁ |
| We | ଆମ୍ଭେମାନେ | ଆମିମନ / ଆମେମନ୍ |
| You | ତୁ | ତୁଇଁ |
| You | ତୁମେ | ତୁମି / ତମେ |
| You | ତୁମ୍ଭେମାନେ | ତୁମିମନ୍ |
| He | ସେ (ପୁ) | ସେ |
| She | ସେ (ସ୍ତ୍ରୀ) | ସେ |
| It/This | ଏହା | ଇଟା / ଇଗି |
| They | ସେମାନେ | ସେମନ୍ |
| Thou | ତୁମ୍ଭେମାନେ | ତୁମିମନ୍ |
| Thee | ତୋତେ | ତକ୍ |
| (To you) | ତୁମକୁ | ତମ୍‌କେ |
| Me | ମୋତେ | ମକେ / ମୋକ୍ |
| You | ତୁମ୍ଭଙ୍କୁ / ତୁମ୍ଭମାନଙ୍କୁ | ତମ୍‌କେ / ତୁମିମନ୍‌କେ |
| His | ତାହାର/ ତାଙ୍କର | ତାର୍ / ତାକାର୍ |
| Her | ତାକୁ / ତାହାର | ତାକ୍ / ତାର୍ |
| Him | ତାହାକୁ / ତାଙ୍କୁ | ତାକେ |
| Us | ଆମ୍ଭମାନଙ୍କୁ | ଆମିମନ୍‌କେ |

| ଇଂରାଜୀ | ଓଡ଼ିଆ | ପରଜା ରୂପ |
| --- | --- | --- |
| Them | ସେମାନଙ୍କୁ | ସେମନ୍‌କେ / ସେଲକ୍‌କେ |
| My | ମୋର | ମର୍ |
| Your | ତୋର | ତର୍ |
| Your | ତୁମ୍ଭର / ତୁମ୍ଭମାନଙ୍କର | ତମର୍ / ତମମନ୍‌ର |
| Our | ଆମ୍ଭର / ଆମ୍ଭମାନଙ୍କର | ଆମର୍ / ଆମ ମନ୍‌ର |
| Their | ସେମାନଙ୍କର | ସେମନ୍‌ର |
| Of thee | ଏମାନଙ୍କର | ଏମନ୍‌ର |
| Myself | ମୁଁ ନିଜେ | ମୁଇଁ ନିଜ୍‌ଜୋ/ମୁଇଁ ଆପଣ୍ଣା |
| Yourself | ତୁ ନିଜେ | ତୁଇଁ ନିଜ୍‌ଜୋ/ତୁଇଁ ଆପଣ୍ଣା |
| Himself | ତୁମେ ନିଜେ | ତୁମି ନିଜ୍‌ଜୋ/ଆପଣ୍ଣା |
| Herself | ସେ ନିଜେ (ସ୍ତ୍ରୀ) | ସେ ନିଜ୍‌ଜୋ/ସେ ଆପଣ୍ଣା |
| Ourselves | ଆମ୍ଭେମାନେ ନିଜେ | ଆମିମନ୍ ନିଜ୍‌ଜେ |
| Yourselves | ତୁମ୍ଭେମାନେ ନିଜେ | ତମିମନ୍ ନିଜ୍‌ଜେ |
| Themselves | ସେମାନେ ନିଜେ | ସେମନ୍ ନିଜ୍‌ଜେ |
| These | ଏଗୁଡ଼ିକ / ଏସବୁ | ଇଟାମନ୍ / ଏ ସବେ |
| Those | ସେଗୁଡ଼ିକ / ସେସବୁ | ସିଟାମନ୍ / ସେ ସବେ |
| Who | କିଏ | କେ |
| What | କ'ଣ | କାଇଁଟା / କାଇଁ |
| Why | କାହିଁକି | କାଇଁତାକ୍ |
| Where | କେଉଁଠାରେ | କୁନ୍‌ତେଇଁ |

| ଇଂରାଜୀ | ଓଡ଼ିଆ | ପରଜା ଭାଷା |
|---|---|---|
| When | କେତେବେଳେ / କେବେ | କଉ୍‌ବଉ୍‌ / କବ୍‌ବେ |
| Which | କେଉଁଟି | କୁନ୍‌ଟା / କୁତାଗଡ଼ |
| Whose | କାହାର | କାର୍‌ |
| Whom | କାହାକୁ | କାକ୍‌ |
| How | କିପରି / କେତେ / କେମିତି | କେନକାର୍‌/କତେକ୍‌ |
| Howmany | କେତେ ସଂଖ୍ୟକ | କେତିଗଟ୍‌ |
| Howmuch | କେତେ ପରିମାଣ | କେତେକ୍‌ ପର୍‌ |
| Here | ଏଇଠି | ଇଟାଣ |
| This | ଏହା | ଇଟା |
| Of these | ଏମାନଙ୍କର | ଇମନାର୍‌ / ଇଲକାର୍‌ |

# FIRST PERSON ପ୍ରଥମ ପୁରୁଷ

| ଏକବଚନ | | | |
|---|---|---|---|
| କାରକ | ବିଭକ୍ତି | ଓଡ଼ିଆ ରୂପ | ପରଜା ରୂପ |
| କର୍ତ୍ତୃ କାରକ | ପ୍ରଥମା | ମୁଁ | ମୁଇଁ |
| କର୍ମ କାରକ | ଦ୍ୱିତୀୟା | ମୋତେ | ମକେ, ମକ୍ |
| କରଣ କାରକ | ତୃତୀୟା | ମୋ ଦ୍ୱାରା | ମର୍ ଅଣି |
| ସଂପ୍ରଦାନ କାରକ | ଚତୁର୍ଥୀ | ମୋ ପାଇଁ | ମର୍ ଲଗି |
| ଅପାଦାନ କାରକ | ପଞ୍ଚମୀ | ମୋ ଠାରୁ | ମର୍ ଲଗେ ଅଣି |
| ସମ୍ବନ୍ଧ କାରକ | ଷଷ୍ଠୀ | ମୋର | ମର୍ |
| ଅଧିକରଣ କାରକ | ସପ୍ତମୀ | ମୋ ଠାରେ | ମର୍‌ଟାଣେ |

| ଦ୍ୱିବଚନ | | ବହୁବଚନ | |
|---|---|---|---|
| ଓଡ଼ିଆ ରୂପ | ପରଜା ରୂପ | ଓଡ଼ିଆ ରୂପ | ପରଜା ରୂପ |
| ଆମ୍ଭେ ଦୁହେଁ | ଆମି ଦୁଇଲକ୍ | ଆମ୍ଭେମାନେ | ଆମି ମନ୍ / ଆମେ ମନ୍ |
| ଆମ୍ଭ ଦୁହିଁଙ୍କୁ | ଆମି ଦୁଇଲକ୍‌କେ | ଆମ୍ଭମାନଙ୍କୁ | ଆମ୍ ମନ୍‌କେ |
| ଆମ୍ଭ ଦୁହିଁଙ୍କଦ୍ୱାରା | ଆମି ଦୁଇ ଲୋକାର୍ ଅଣି | ଆମ୍ଭମାନଙ୍କ ଦ୍ୱାରା | ଆମ୍‌ମନ୍‌କର୍ ଅଣି |
| ଆମ୍ଭ ଦୁହିଁଙ୍କପାଇଁ | ଆମି ଦୁଇ ଳକାର୍ ଳଗି | ଆମ୍ଭମାନଙ୍କ ପାଇଁ | ଆମାର ଲଗି ଅଣି |
| ଆମ୍ଭ ଦୁହିଁଙ୍କଠାରୁ | ଆମି ଦୁଇ ଳକାର୍ ଟାଣେ ଅଣି | ଆମ୍ଭମାନଙ୍କଠାରୁ | ଆମ୍ ମନ୍ କର୍ |
| ଆମ୍ଭ ଦୁହିଁଙ୍କର | ଆମର୍ ଦୁଇ ଳକାର୍ | ଆମ୍ଭମାନଙ୍କର | ଆମାର୍ |
| ଆମ୍ଭ ଦୁହିଁଙ୍କଠାରେ | ଆମର୍ ଦୁଇ ଇକର୍ ଟାଣେ | ଆମ୍ଭମାନଙ୍କଠାରେ | ଆମ୍ ମନକର ଟାଣେ |

# SECOND PERSON ଦ୍ୱିତୀୟ ପୁରୁଷ

| ଏକବଚନ | | | |
|---|---|---|---|
| କାରକ | ବିଭକ୍ତି | ଓଡ଼ିଆ ରୂପ | ପରଜା ରୂପ |
| କର୍ତ୍ତୃ କାରକ | ପ୍ରଥମା | ତୁ / ତୁମେ | ତୁଇ / ତୁମି |
| କର୍ମ କାରକ | ଦ୍ୱିତୀୟା | ତୋତେ / ତୁମକୁ | ତକ୍ / ତମ୍‌କେ |
| କରଣ କାରକ | ତୃତୀୟା | ତୋ ଦ୍ୱାରା / ତୁମ ଦ୍ୱାରା | ତର୍ ଅଣି / ତୁମାର୍ ଅଣି |
| ସଂପ୍ରଦାନ କାରକ | ଚତୁର୍ଥୀ | ତୋ ପାଇଁ ତୁମ ପାଇଁ | ତର୍ ଲ-ଗି / ତୁମାର୍ ଲ-ଗି |
| ଅପାଦାନ କାରକ | ପଞ୍ଚମୀ | ତୋ ଠାରୁ/ ତୁମଠାରୁ | ତର୍ ଟାଣେ ଅଣି / ତୁମାର୍ ଟାଣେ ଅଣି |
| ସମ୍ବନ୍ଧ କାରକ | ଷଷ୍ଠୀ | ତୋର/ ତୁମର | ତର୍ / ତୁମାର୍ |
| ଅଧିକରଣ କାରକ | ସପ୍ତମୀ | ତୋ ଠାରେ ତୁମ ଠାରେ | ତର୍‌ଟାଣେ ତୁମାର୍ ଟାଣେ |

| ଦ୍ୱିବଚନ | | ବହୁବଚନ | |
|---|---|---|---|
| ଓଡ଼ିଆ ରୂପ | ପରଜା ରୂପ | ଓଡ଼ିଆ ରୂପ | ପରଜା ରୂପ |
| ତୁମ୍ଭେ ଦୁହେଁ | ତୁମି ଦୁଇ ଲକ୍ | ତୁମ୍ଭେମାନେ | ତୁମି ମନ୍ |
| ତୁମ୍ଭ ଦୁହିଁଙ୍କୁ | ତୁମି ଦୁଇ ଲକ୍‌କେ | ତୁମ୍ଭମାନଙ୍କୁ | ତୁମି ମନ୍‌କେ |
| ତୁମ୍ଭ ଦୁହିଁଙ୍କଦ୍ୱାରା | ତୁମି ଦୁଇଲକାର୍ ଅଣି | ତୁମ୍ଭମାନଙ୍କ ଦ୍ୱାରା | ତମ୍ ମନ୍‌କେର ଅଣି |
| ତୁମ୍ଭ ଦୁହିଁଙ୍କପାଇଁ | ତୁମି ଦୁଲକ୍ କାର ଲଗି | ତୁମ୍ଭମାନଙ୍କ ପାଇଁ | ତମ ମନ୍‌ନାର୍ ଲାଗି |
| ତୁମ୍ଭ ଦୁହିଁଙ୍କଠାରୁ | ତୁମି ଦୁଇ ଲକାର୍‌ଟାଣେ | ତୁମ୍ଭମାନଙ୍କଠାରୁ | ତମ୍ ମନାର ଟାଣେର୍ ଅଣି |
| ତୁମ୍ଭ ଦୁହିଁଙ୍କର | ତୁମି ଦୁଇଲକ୍‌କାର | ତୁମ୍ଭମାନଙ୍କର | ତମ୍ ମନ୍‌କର୍ |
| ତୁମ୍ଭ ଦୁହିଁଙ୍କଠାରେ | ତୁମି ଦୁଇ ଲକ୍‌କାର ଟାଣେ | ତୁମ୍ଭମାନଙ୍କଠାରେ | ତୁମିମନାର ଟାଣେ |

# THIRD PERSON ତୃତୀୟପୁରୁଷ

| ଏକବଚନ | | | |
|---|---|---|---|
| କାରକ | ବିଭକ୍ତି | ଓଡ଼ିଆ ରୂପ | ପରଜା ରୂପ |
| କର୍ତ୍ତୃ କାରକ | ପ୍ରଥମା | ସେ | ସେ |
| କର୍ମ କାରକ | ଦ୍ୱିତୀୟା | ତାକୁ | ତାକ୍ |
| କରଣ କାରକ | ତୃତୀୟା | ତାହା ଦ୍ୱାରା | ତାର୍ ଅଣି |
| ସଂପ୍ରଦାନ କାରକ | ଚତୁର୍ଥୀ | ତାହା ପାଇଁ | ତାର୍ ଲଗି |
| ଅପାଦାନ କାରକ | ପଞ୍ଚମୀ | ତାହା ଠାରୁ /ତାଙ୍କ ଠାରୁ | ତାର ଟାଣେର୍ ଅଣି |
| ସମ୍ବନ୍ଧ କାରକ | ଷଷ୍ଠୀ | ତାହାର /ତାଙ୍କର | ତାକାର୍ |
| ଅଧିକରଣ କାରକ | ସପ୍ତମୀ | ତାହା ଠାରେ | ତାର୍ ଟାଣେ |

| ଦ୍ୱିବଚନ | | ବହୁବଚନ | |
|---|---|---|---|
| ଓଡ଼ିଆ ରୂପ | ପରଜା ରୂପ | ଓଡ଼ିଆ ରୂପ | ପରଜା ରୂପ |
| ସେ ଦୁହେଁ | ସେ ଦୁଇଲକ୍ | ସେମାନେ | ସେ ମନ୍ |
| ସେ ଦୁହିଁଙ୍କୁ | ସେ ଦୁଇ ଲକ୍‌କେ | ସେମାନଙ୍କୁ | ସେ ମନ୍‌କେ |
| ସେ ଦୁହିଁଙ୍କଦ୍ୱାରା | ସେ ଦୁଇ ଲୋକାର୍ ଅଣି | ସେମାନଙ୍କ ଦ୍ୱାରା | ସେ ମନାର ଅଣି |
| ସେ ଦୁହିଁଙ୍କପାଇଁ | ସେ ଦୁଇ ଲୋକାର୍ ଲଗି | ସେମାନଙ୍କ ପାଇଁ | ସେ ମନାର ଲଗି |
| ସେ ଦୁହିଁଙ୍କଠାରୁ | ସେ ଦୁଇ ଲକାର୍ ଟାଣେର୍ ଅଣି | ସେମାନଙ୍କଠାରୁ | ସେ ମନାର ଟାଣେର୍ ଅଣି |
| ସେ ଦୁହିଁଙ୍କର | ସେ ଦୁଇ ଲୋକାର୍ | ସେମାନଙ୍କର | ସେ ମନାର୍ |
| ସେ ଦୁହିଁଙ୍କଠାରେ | ସେ ଦୁଇ ଲୋକାର୍ ଟାଣେ | ସେମାନଙ୍କଠାରେ | ସେ ମନାର ଟାଣେ |

# କିଏ

| ଏକବଚନ | | | |
|---|---|---|---|
| କାରକ | ବିଭକ୍ତି | ଓଡ଼ିଆ ରୂପ | ପରଜା ରୂପ |
| କର୍ତ୍ତୃ କାରକ | ପ୍ରଥମା | କିଏ | କେ |
| କର୍ମ କାରକ | ଦ୍ୱିତୀୟା | କାହାକୁ | କାକେ / କାକ୍ |
| କରଣ କାରକ | ତୃତୀୟା | କାହା ଦ୍ୱାରା | କାର୍ ଅଣି |
| ସଂପ୍ରଦାନ କାରକ | ଚତୁର୍ଥୀ | କାହା ପାଇଁ | କାର୍ ଲଗି / ଫାଇଁ |
| ଅପାଦାନ କାରକ | ପଞ୍ଚମୀ | କାହାଠାରୁ | କାର୍‌ଟାଣେର ଅଣି |
| ସମ୍ବନ୍ଧ କାରକ | ଷଷ୍ଠୀ | କାହାର | କାର୍ |
| ଅଧିକରଣ କାରକ | ସପ୍ତମୀ | କାହାଠାରେ | କାର୍ ଟାଣେ |

| ବହୁବଚନ | | | |
|---|---|---|---|
| କାରକ | ବିଭକ୍ତି | ଓଡ଼ିଆ ରୂପ | ପରଜା ରୂପ |
| କର୍ତ୍ତୃ କାରକ | ପ୍ରଥମା | କେଉଁମାନେ | କେମନ୍ |
| କର୍ମ କାରକ | ଦ୍ୱିତୀୟା | କେଉଁମାନଙ୍କୁ | କେ ମନ୍‌କେ |
| କରଣ କାରକ | ତୃତୀୟା | କେଉଁମାନଙ୍କ ଦ୍ୱାରା | କେ ମନାର୍ ଅଣି |
| ସଂପ୍ରଦାନ କାରକ | ଚତୁର୍ଥୀ | କେଉଁମାନଙ୍କ ପାଇଁ | କେ ମନାର ଲଗି / କାର୍ କାର୍ ଲଗି |
| ଅପାଦାନ କାରକ | ପଞ୍ଚମୀ | କେଉଁମାନଙ୍କଠାରୁ | କାର୍ କାର୍ ଟାଣେର୍ ଅଣି |
| ସମ୍ବନ୍ଧ କାରକ | ଷଷ୍ଠୀ | କେଉଁମାନଙ୍କର | କାର୍ କାର୍ |
| ଅଧିକରଣ କାରକ | ସପ୍ତମୀ | କେଉଁମାନଙ୍କଠାରେ | କାର୍ କାର୍ ଟାଣେ |

# PARTS OF THE BODY

## ଶରୀରର ଅଙ୍ଗପ୍ରତ୍ୟଙ୍ଗ

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| Head and Trunk | ମୁଣ୍ଡ ଓ ଗଣ୍ଡି | ମୁଣ୍ଡ୍ ଆରି ଗ-ଣ୍ଡି |
| Face | ମୁହଁ | ମୁଁ |
| Mouth | ପାଟି | ଟଣ୍ଡ |
| Eye | ଆଖି | ଆକି |
| Eye Lid | ଆଖିପତା | ଆକି ପଟା |
| Tooth | ଦାନ୍ତ | ଦାନ୍ତ୍ |
| Tongue | ଜିଭ | ଜିବ୍ |
| Forehead | କପାଳ | କାପାଲ୍ |
| Skull | ଖପୁରୀ | ଗିଗଡ଼ି (ଗିଗ୍-ଡ଼ି) |
| Brain | ମସ୍ତିଷ୍କ | ଗୁଦି |
| Cheek | ଗାଲ | ଗାଲ୍ |
| Hair | ବାଳ | ଚେଣ୍ଡି |
| Ear | କାନ | କାନ୍ |
| Throat | ଗଳା | ଗଡ଼ା |
| Neck | ବେକ | ବେକ୍ |
| Ribs | ପଞ୍ଜରା | ପାଞ୍ଜୁରା |
| Chest | ଛାତି | ଭୁକ୍ / ବୁକ୍ |
| Lungs | ଫୁସ୍‌ଫୁସ୍ | ଫପସ୍ |
| Spleen | ପ୍ଲୀହା | ପିଲାଇ |
| Stomach | ପାକସ୍ଥଳୀ | ପଟା |

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| Belly | ପେଟ | ପେଟ୍ |
| Abdomen | ତଳିପେଟ | ତଲ ପେଟ୍ |
| Shoulder | କାନ୍ଧ | ଖନ୍ଦ୍ / କନ୍ଦ୍ |
| Arm | ବାହୁ | ବୁଜ୍ / ଭୁଜ୍ |
| Elbow | କହୁଣୀ | ଖପର୍ |
| Hand | ହାତ | ହାତ୍ |
| Palm | ପାପୁଲି | ପଦମ୍ |
| Finger | ଆଙ୍ଗୁଠି | ଆଙ୍ଗଟି |
| Left Hand | ବାମ ହାତ | ଡ଼େବ୍ରି ହାତ୍ |
| Right Hand | ଡାହାଣ ହାତ | ଉଜାହାତ୍ / ଭଜନି ହାତ୍ |
| Nose | ନାକ | ନାକ୍ / ନାସି |
| Lip | ଓଠ | ଅଟି |
| Chin | ଥୋଡ଼ି | ଠଡ଼ି |
| Tonsil | ଘଣ୍ଟିକା | ଢକ୍କି |
| Wrist | ମଣିବନ୍ଧ | ମୁଚି (ମୁଠି) |
| Nail | ନଖ | ନକ୍ |
| Thumb | ବୃଦ୍ଧାଙ୍ଗୁଳି | ମାଇଁ ଆଙ୍ଗୋଟା |
| Fore Finger | ତର୍ଜନି | ମାଇଁଆଙ୍ଗୋଟା ଲଗେର୍ଆଙ୍ଗଟି |
| Middle Finger | ମଧ୍ୟମା | ମଜି-ଆଙ୍ଗଟି |
| Ring Finger | ଅନାମିକା | ମୁଦି ପିନ୍ଦତା ଆଙ୍ଗଟି |
| Little Finger | କନିଷ୍ଠା | ଚିନିଆଙ୍ଗଟି/କାଣିଆଙ୍ଗଟି |
| Navel | ନାଭି | ବମ୍ଲି |
| Back | ପିଠି | ପିଟି |
| Backbone | ମେରୁଦଣ୍ଡ | ପିଟିହାଡ଼୍ / ଲାଟିହାଡ଼୍ |

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| Waist | ଅଣ୍ଟା | ଆଟା / ଆଁଟା |
| Armpit | କାଖ | ଖାକ୍ |
| Thigh | ଜଙ୍ଘ | ଜଙ୍ଗ୍ |
| Anus | ମଳଦ୍ୱାର | ଟିର୍‌କି |
| Skin | ଚମଡ଼ା | ଚାମ୍ |
| Umbilical Cord | ନାଭିପୋଛା | ବଣ୍ଡ୍‌କି |
| Knee | ଆଣ୍ଠୁ | ମାନ୍‌ଡି |
| Leg | ଗୋଡ଼ | ଗଡ୍ |
| Foot | ପାଦ | ପାଦ୍ |
| Heel | ଗୋଇଠି | ଲେଡି / ରେଡ୍‌ଡି |
| Sole | ତଳିପାଦ | ତଲ୍ ପାଉ |
| Toe | ପାଦ ଆଙ୍ଗୁଠି | ଗଡ଼ର୍ ଆଙ୍ଗଟି |
| Breast | ସ୍ତନ | ଦୁଦ୍ |
| Liver | ଯକୃତ | ତୁଣ୍ଡା |
| Buttock | ପିଚା | ଚୁଟୁଡ଼୍ |
| Lap | କୋଳ | କଲ୍ |
| Pulse | ନାଡ଼ି | ନାଡ଼ି |
| Kidney | ମୂତ୍ରକୋଷ | ମୁତ୍‌ଗୁନା |
| Bone | ହାଡ଼ / ଅସ୍ଥି | ହାଡ଼୍ |
| Tear | ଲୁହ | ଆଁସୁ |
| Body | ଶରୀର | ଗାଗାଡ଼୍ |
| Eye brow | ଭ୍ରୂଲତା | ଆକିପଟା |
| Unethra | ମୂତ୍ରଦ୍ୱାର | ବାଣ୍ଡ୍ / ଏଣ୍ଡ୍ |
| Nipple | ସ୍ତନାଗ୍ର | ଦୁଦ୍ ମୁଣ୍ଡି |

❖❖❖

# NATURAL NAMES ପ୍ରାକୃତିକ ନାମ

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| Forest | ଜଙ୍ଗଲ | ବନ୍ |
| Hill | ପାହାଡ଼ | ଡ଼ଙ୍ଗର୍ / ଡ଼ଙ୍ଗୁର୍ |
| Stream | ଝରଣା | ପଜରା / ଫ୍ଯାଜରା |
| River | ନଦୀ | ଗାଡ଼୍ |
| Stone | ପଥର | ପାକ୍ନା |
| Earth | ପୃଥିବୀ | ପୁରତୀ |
| Sand | ବାଲି | ବାଲି |
| Air / Wind | ପବନ / ବାୟୁ | ପବନ୍ |
| Water | ପାଣି | ଫାଣି |
| Sun | ସୂର୍ଯ୍ୟ | ସୁରୁଜ / ବେଡ୍ |
| Moon | ଚନ୍ଦ୍ର | ଜନ୍ |
| Sky | ଆକାଶ | ଆକାଶ୍ |
| Star | ତାରକା | ତାରା |
| Thunder | ଚଡ଼ଚଡ଼ି / ଘଡ଼ଘଡ଼ି | ଚଡ୍ଚଡି / ଗଡ୍ଗଡି |
| Lightening | ବିଜୁଳି | ବିଜ୍ଲି |
| Rain | ବର୍ଷା | ବର୍ସା |
| Ray | କିରଣ | ତାରାସ୍ |
| Cloud | ବାଦଲ | ବାଦଲ୍ / ବାଦଡ୍ |
| Moon light | ଚନ୍ଦ୍ର କିରଣ | ଜନ୍ ତାରାସ୍ |
| Sun light | ସୂର୍ଯ୍ୟ କିରଣ | ବେଲ୍ ତାରାସ୍ |

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| Full moon | ପୂର୍ଣ୍ଣମୀ | ପୁନଇଁ |
| New moon | ଅମାବାସ୍ୟା | ଉଆଁସ୍ |
| Solar Eclipse | ସୂର୍ଯ୍ୟପରାଗ | ସୁରିଜ୍ ଗରନ୍ |
| Lunar Eclipse | ଚନ୍ଦ୍ରଗ୍ରହଣ | ଚନ୍ଦର୍ ଗରନ୍ |
| Dark fortnight | କୃଷ୍ଣପକ୍ଷ | ଆନ୍ଧାର୍ ରାତି |
| Bright fortnight | ଶୁକ୍ଳପକ୍ଷ | ଜନ୍‌ଉଜଲ୍ ରାତି |
| Wind | ପବନ | ପବନ୍ |
| Strom | ଝଡ଼ | ବାଉଧୁକା |

# LAND TYPE ଜମି କିସମ

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| Land | ଜମି | ବୁଇଁ / ଭୁଇଁ |
| Dry land | ଡିପ ଜମି | ଟିକ୍‌ରା / ଟେଙ୍ଗୁଲି / ପଦା |
| Wet land | ନାଳି ଜମି / ବାହଲ ଜମି | ଝଲା ଜ-ମି |
| Hill Slope land | ପାହାଡ଼ିଆ ଢାଲୁ ଜମି | ଗଡ଼ାନ୍ ବୁଇଁ (ଭୁଇଁ) |
| Hilly land | ପାହାଡ଼ିଆ ଜମି | ଡ଼ଙ୍ଗରିଆ ବୁଇଁ (ଭୁଇଁ) |
| Kitchen garden | ବଗିଚା | ବାଡ୍ |
| Guda land (Up-land) | ଡିପ ଜମି | ପଦା |
| Midium land | ମାଳ ଜମି | ଡଙ୍ଗର୍ ଭୂଇଁ (ବୁଇଁ) |
| Plateau | ମାଳଭୂମି | ମାଲ୍ ଡଙ୍ଗର୍ |
| River bank | ନଦୀ କୂଳ | ଗାଡ଼-କଣ୍ଠି |

# NAME OF THE CROPS ଶସ୍ୟର ନାମ

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| Paddy | ଧାନ | ଧାନ୍ / ଦାନ୍ |
| Wheat | ଗହମ | ଗଉଁ |
| Regi | ମାଣ୍ଡିଆ | ମୁଣ୍ଡିଆ |
| Minor Millet | ଗୁଲଜି / ଚଣା | ଚାନା |
| Kodoi | କୋଦୁଅ | କଦ |
| Maize | ମକା | ଜନା |
| Jowar | ଗଙ୍ଗାଇ | ଖେଡ୍‌ଜନା |
| Cotton | କପା | କାପା |
| Red gram | ହରଡ଼ | କାନ୍ଦୁଲ୍ |
| Black gram | ବିରି | ବିରି |
| Horse gram | କୋଳଥ | କଲଦ୍ / କଡଦ୍ |
| Green gram | ମୁଗ | ମୁଁଗ୍ |
| Lentils | ମସୁର | ମୁସରି |
| Ground gram | ବୁଟ | ନାକ୍‌ଚାନା |
| Pea | ମଟର ଛୁଇଁ | ଚାନା ଚେଙ୍ଗା |
| Sesamum | ରାଶି | ରାଶି |
| Mustard | ଶୋରିଷ | ସରସୁ |
| Nizar | ଅଳସୀ | ଅଲ୍‌ସି |
| Dal | ଡାଲି | ଦାଲି |
| Ground nut | ବାଦାମ | ଚେର୍ ଚାନା |
| Bean | ଶିମ୍ବ | ସେମି / ଚେମ୍ବି |

# FLOWER ଫୁଲ

| ଇଂରାଜୀ | ଓଡ଼ିଆ | ପରଜା ଭାଷା |
|---|---|---|
| Flower | ଫୁଲ | ପୁଲ୍ / ଫୁଲ୍ |
| Marigold | ଗେଣ୍ଡୁ | ମାଇଫୁଲ୍ |
| Rose | ଗୋଲାପ | ଗୁଲାପି ପୁଲ୍ |
| China rose | ମନ୍ଦାର | ମନ୍ଦାର୍ |
| Tulip | ମଲ୍ଲୀ | ମଲ୍ଲୀ |
| Moonbean | ଟଗର | କାରାଟ ଫୁଲ୍ |
| Lotus | ପଦ୍ମ | ପଦମ୍ |
| Keruan | କୁରେଇ | କୁଡଇ |
| Oleander | କନିଅର | କଇନାରି |
| Holy basil | ତୁଳସୀ | ତୁଲ୍‌ସୀ |
| Sun flower | ସୂର୍ଯ୍ୟମୁଖୀ | ସୁରୁଜ୍ ମୁକି |
| Starmoney flower | ଦୁଦୁରା | ଦୁଦ୍‌ରା |
| Tube rose | ରଜନୀଗନ୍ଧା | ରାତି ମଲ୍ଲୀ |
| Jasmine | ଯୁଇ | ଯୁଇ ଫୁଲ୍ |
| Lilly | କଇଁ | କଇଁ ଫୁଲ୍ |
| Screw pine | କେତକୀ | କେତ୍‌କୀ |
| Palash flower | ପଳାଶ | ବଦ୍‌ଡି ଫୁଲ୍ ବଦ୍‌ଲି ଫୁଲ୍ |

# NAME OF THE TREES ଗଛର ନାମ

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| Tree | ଗଛ / ବୃକ୍ଷ | ଗବ୍ |
| Mango | ଆମ୍ବ | ଆମ୍ |
| Cashew | ଲଙ୍କାଆମ୍ବ | ବାଲିଆ |
| Jack fruit | ପଣସ | ଫଣସ୍ |
| Papaya | ଅମୃତଭଣ୍ଡା | ଅମରୁତ୍ |
| Banana | କଦଳୀ | କଦଡ଼ି |
| Fig | ଡିମିରି | ଡୁମ୍ବୁର (ଡୁମ୍‌ରି) |
| Mahua | ମହୁଲ | ମଉଲ୍ |
| Kendu | କେନ୍ଦୁ | କେନ୍ଦୁ |
| Palm Tree | ତାଳଗଛ | ତାଡ଼୍ ଗବ୍ |
| Black berry | ଜାମୁକୋଳି | ଜାମ୍‌କଡ଼ି |
| Kusum | କୁସୁମ | କସମ୍ |
| Bel tree | ବେଲଗଛ | ବେଲ୍ ଗବ୍ |
| Teak tree | ଶାଗୁଆନ୍ ଗଛ | ଟେକ୍ ଗବ୍ |
| Sal tree | ଶାଳ ଗଛ | ସର୍‌ଗି ଗବ୍ |
| Flax plant | ଛଣପଟ ଗଛ | ଦାବ୍ ଘାଁସ୍ |
| Bamboo | ବାଉଁଶ | ବାଉଁସ୍ |
| Tamarind | ତେନ୍ତୁଳୀ | ତେତ୍‌ଡ଼ି / ଆମ୍‌ଡ଼ି |
| Peepul tree | ଅଶ୍ୱତ୍ଥ ବୃକ୍ଷ | ପିପ୍‌ଡି ଗଚ / ପିପଲ୍ ଗବ୍ |
| Neem | ନିମ୍ବ | ନିମ |
| Drum stick | ସଜନା | ମୁନିଙ୍ଗା |
| Lemon | ଲେମ୍ବୁ | ଲିମ୍ବୁ |
| Berry | ବରକୋଳି | ବର୍‌କଡ଼ି |

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| Banyan tree | ବରଗଛ | ବଡ୍‌ଗଚ୍ |
| Flaver tree | କଦମ୍ବ | କଦମ୍ |
| Pongamia glalua | କରଞ୍ଜ | କରଞ୍ଜ୍ |
| Terminelia chefula | ହରିଡ଼ା | ହର୍-ଡା |
| Bahada | ବାହାଡ଼ା | ବିଡ଼ା |
| Amla | ଅଁଳା | ଆଉଁଲା |
| Silk cotton | ସିମୁଳି | ସିମ୍‌ଲି |

# DESCRIPTION OF HOUSE
# ଘରର ବିବରଣୀ

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| House | ଘର | ଗର୍ / ଘର୍ |
| Cattle shed | ଗୁହାଳ | ଗରୁସାଲ୍ |
| Roof | ଛାତ | ଚାଉଣି |
| Floor | ଚଟାଣ | ବାକ୍‌ରା |
| Wall | କାନ୍ଥ | କାନ୍ତି |
| Beam | କଡ଼ି | ସିକ୍‌ଲି |
| Door | କବାଟ | କାପାଟ୍ |
| Window | ଝରକା | ଜର୍‌କା |
| Doorsil | ଏରୁଣ୍ଡି | ବାଟ୍ ଗଡ଼ି |
| Gate | ଫାଟକ | କଉଡି / ପାଙ୍ଗଡି |
| Dining room | ଖାଇବାଘର | ମଜା ବାକ୍‌ରା |
| Pillar | ଖୁଣ୍ଟି | ଡ଼େଲି / ଡ଼େ-ଡି |
| Verandah | ବାରଣ୍ଡା | ପିଣ୍ଡା |
| Court-yard | ଅଗଣା | ଦୁଆର୍ |

# IMPLEMENTS ସରଞ୍ଜାମ

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| Plough | ଲଙ୍ଗଳ | ନଙ୍ଗଲ୍ / ନାଙ୍ଗୁଡ୍ |
| Handle of plough | ଲଙ୍ଗଳମୁନ | ଫାଡ୍ |
| Yoke | ଯୁଆଳୀ | ଯୁଆଡ଼ି / ଜେଉ-ଡି |
| Spade | କୋଦାଳ / କୋଡ଼ି | କଡ୍କି |
| Axe | ଟାଙ୍ଗିଆ / କୁରାଢ଼ି | ଟାଙ୍ଗିଆ/ଟେଙ୍ଗିଆ/କୁର୍ଡି |
| Sickle | ଦାଆ | ଇଲା / ଇଡ଼ା |
| Carrying rope | ଶିକା | ଚିକ୍-କା |
| Carrying pole | ବାହୁଙ୍ଗୀ | ବଇଁଙ୍ଗା |
| Mace / club | ଠେଙ୍ଗା | ଠେଙ୍ଗ |
| Row | କାତ | ଗଡ୍ଗା |
| Boat | ଡଙ୍ଗା | ଡ଼ଙ୍ଗା |
| Bow | ଧନୁ | ଦନୁ ଦଣ୍ଡୁ |
| Arrow | ତୀର | ଶର / କାଣ୍ଡ |
| Winnowing fan | କୁଲା | କୁଲା |
| Fishing hook | ବନ୍ଶୀକଣ୍ଟା | ବଡ୍ସି କାଟା |
| Spear | ବରଛା | ବର୍ଚି / ଭାଲା |
| Vegetable chopper | ପନିକି | ପନ୍କି |
| Bill hook | କଟୁରୀ | କାତି / କ୍ୟାଟ୍ରା |
| Hoe | କୋଡ଼ି | କଡ୍କି |
| Crowbar | ଶାବଳ | ଶାବଲ୍ / ସାବୁଡ୍ |
| Hatchet | ଟାଙ୍ଗିଆ | ଟେଙ୍ଗିଆ |
| Plane | ମଇ | କାଦପାଟା |
| Grinder | ଶିଳ | ଚୁନା ପାକ୍ନା |
| Stick | ବାଡ଼ି | ଡ଼ାଙ୍ଗ |
| Knife | ଛୁରୀ | ଚୁରୀକାତି |

# DAYS ବାର

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| Sunday | ରବିବାର | ରଇବାର୍ |
| Monday | ସୋମବାର | ସମ୍ବାର୍ |
| Tuesday | ମଙ୍ଗଳବାର | ମଙ୍ଗୁଡ୍ ବାର୍ |
| Wednesday | ବୁଧବାର | ବୁଦୁବାର୍ |
| Thursday | ଗୁରୁବାର | ଗୁରୁବାର୍ |
| Friday | ଶୁକ୍ରବାର | ଶୁକୁର୍ ବାର୍ |
| Saturday | ଶନିବାର | ଶନିବାର୍ |

# MONTHS ମାସ

| | | | |
|---|---|---|---|
| January | ପୌଷ-ମାଘ | ବୈଶାଖ | ପୁସ୍-ମାଙ୍ଘ୍ - ବଇସାଗ୍ |
| February | ମାଘ-ଫାଲ୍‌ଗୁନ | ଜ୍ୟେଷ୍ଠ | ମାଙ୍ଘ୍ - ପଗୁନ୍ - ଲାଣ୍ଡି/ଲାଣ୍ଡିଢେର |
| March | ଫାଲ୍‌ଗୁନ-ଚୈତ୍ର | ଆଷାଢ଼ | ଫଗୁନ୍ - ଚେଇତ୍ - ଆଷାଢ୍ |
| April | ଚୈତ୍ର-ବୈଶାଖ | ଶ୍ରାବଣ | ଚେଇତ୍ - ବଇସାଗ୍ - ବାନ୍ଦାପନ୍ |
| May | ବୈଶାଖ-ଜ୍ୟେଷ୍ଠ | ଭାଦ୍ରବ | ବଇସାଗ୍ - ଲାଣ୍ଡି - ଅସା |
| June | ଜ୍ୟେଷ୍ଠ-ଆଷାଢ଼ | ଆଶ୍ୱିନ | ଲାଣ୍ଡି - ଆସାଡ - ଦଶ୍ରା |
| July | ଆଷାଢ଼-ଶ୍ରାବଣ | କାର୍ତ୍ତିକ | ଆସାଢ୍ - ବାନ୍ଦାପନ୍ - ଦିଆଡି |
| August | ଶ୍ରାବଣ-ଭାଦ୍ରବ | ମାର୍ଗଶୀର | ବାନ୍ଦାପନ୍ - ଅସା-ପଣ୍ଡ୍ / ପାଣ୍ଡ୍ |
| September | ଭାଦ୍ରବ-ଆଶ୍ୱିନ | ପୌଷ | ଅସା - ଦଶରା - ପୁଷ୍ |
| October | ଆଶ୍ୱିନ-କାର୍ତ୍ତିକ | ମାଘ | ଦଶରା - ଦିଆଡି - ମାଙ୍ଘ୍ |
| November | କାର୍ତ୍ତିକ-ମାର୍ଗଶୀର | ଫାଲ୍‌ଗୁନ | ଦିଆଡି - ପଣ୍ଡ୍ - ପଗୁନ୍ |
| December | ମାର୍ଗଶୀର-ପୌଷ | ଚୈତ୍ର | ପଣ୍ଡ୍ - ପୁସ୍ - ଚଇତ୍ /ଚେଇତ୍ |

# SEASONS ଋତୁ

| | | |
|---|---|---|
| Summer | ଗ୍ରୀଷ୍ମ | ବେଟ୍ |
| Rainy | ବର୍ଷା | ବର୍‌ସା |
| Winter | ଶୀତ | ଶୀତ୍ |

# COMMON VERBS ସାଧାରଣ କ୍ରିୟା

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| Go | ଯିବା | ଯାତା - ର୍ |
| Come | ଆସିବା | ଆସ୍‌ତାର୍ |
| Sit | ବସିବା | ବସ୍ ତାର୍ |
| Eat | ଖାଇବା . | କା-ତାର୍ |
| Drink | ପିଇବା | ପିଉତାର୍ |
| See | ଦେଖିବା | ଦେକ୍‌ତାର୍ |
| Hear / Listen | ଶୁଣିବା | ଶୁନ୍‌ତାର୍ |
| Walk | ଚାଲିବା | ହିଣ୍ଟତାର୍ / ଇଣ୍ଟତାର୍ |
| Cook | ରାନ୍ଧିବା | ରାନ୍ଦ୍‌ତାର୍ |
| Learn | ଶିଖିବା | ଶିକ୍‌ତାର୍ |
| Sing | ଗାଇବା | ଗାଉତାର୍ |
| Dance | ନୃତ୍ୟ କରିବା | ନାଚ୍‌କର୍‌ତାର୍ |
| Bathe | ଗାଧୋଇବା | ଗାଦାଉତାର୍ |
| Play | ଖେଳିବା | କେଲ୍‌ତାର୍ |
| Jump | ଡେଇଁବା | ଡ଼ଗାଉତାର୍ |
| Brush | ଦାନ୍ତ ଘଷିବା | ଦାନ୍ତୁନ୍ କର୍‌ତାର୍ |
| Run | ଦୌଡ଼ିବା | ଫଡାଉତାର୍ (ଫଓ୍ୱଡାଉତାର୍) |
| Irrigate | ପାଣି ମଡ଼ାଇବା | ଫାଣି ଚପାଉଁତାର୍ |
| Find | ପାଇବା | ମିଡ଼ାଉତାର୍ |
| Winnow | ପାଛୁଡ଼ିବା | ଫୁନ୍‌ତାର୍ |
| Laugh | ହସିବା | ନିଚଦ୍‌ତାର୍ |
| Cry | କାନ୍ଦିବା | କାନ୍ଦ୍‌ତାର୍ |
| Say | କହିବା | କତାର୍ |
| Write | ଲେଖିବା | ଲେକ୍‌ତାର୍ |
| Cultivate | ଚାଷ କରିବା | କସ୍‌ତାର୍ |
| Sleep | ଶୋଇବା | ନିଦ୍‌ଅଚାର୍ |

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| Rest | ବିଶ୍ରାମ କରିବା | ଫୁଣ୍ଡ୍‌ତାର୍ |
| Buy | କିଣିବା | ଗେନ୍‌ତାର୍ (ଘେନ୍‌ତାର୍) |
| Answer | ଉତ୍ତର ଦେବା | କଉ୍‌ତାର୍ |
| Bring | ଆଣିବା | ଆଣ୍‌ତାର୍ |
| Build | ତିଆରି କରିବା | ତିଆର୍ କର୍‌ତାର୍ |
| Call | ଡାକିବା | ଡ଼ାକ୍‌ତାର୍ / ଢାଙ୍ଗରାଉତାର୍ |
| Climb | ଚଢ଼ିବା | ଚେଗ୍‌ତାର / ଚରାତାର |
| Cut | କାଟିବା | କାଟ୍ ତାର୍ |
| Dig | ଖୋଳିବା | ଖୁନ୍ ତାର୍ |
| Save | ସଞ୍ଚୟ କରିବା | ସଙ୍ଗାଉ୍‌ତାର୍ |
| Fight | ଲଢ଼େଇ କରିବା | ମାଦ୍ ଲାଗ୍‌ତାର୍ |
| Fill | ପୂରଣ କରିବା | ବରତି କରତାର୍/ପୁରାଉତାର୍ |
| Get | ପାଇବା | ମିଡାଉ ତାର୍ |
| Give | ଦେବା | ଦେତାର୍ |
| Hang | ଝୁଲାଇବା | ଜୁଲାଉତାର୍ |
| Help | ସାହାଯ୍ୟ କରିବା | ସାଇଜ୍ କର୍‌ତାର୍ |
| Know | ଜାଣିବା | ଜାଣ୍‌ତାର୍ |
| Keep | ରଖିବା | ସଙ୍ଗାଉତାର୍ |
| Kill | ମାରିବା | ମାର୍‌ତାର୍ |
| Look | ଦେଖିବା | ଦେକ୍‌ତାର୍ |
| Use | ବ୍ୟବହାର କରିବା | ବାଉତାର୍ |
| Obey | ମାନିବା | ମାନ୍‌ତାର୍ |
| Put | ରଖିବା | ସଙ୍ଗାଉତାର୍ |
| Read | ପଢ଼ିବା | ପଉଁର୍‌ତାର୍ |
| Write | ଲେଖିବା | ଲେକ୍‌ତାର୍ |
| Seek | ଖୋଜିବା | ଲଦ୍‌ଦାର୍ |
| Sell | ବିକ୍ରି କରିବା | ବିକ୍‌ତାର୍ |

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| Stand | ଛିଡ଼ାହେବା | ଟିଆ ଉଟ୍‌ତାର୍ |
| Start | ଆରମ୍ଭ କରିବା | ଆରାମ୍ କର୍‌ତାର୍ |
| Ask | ପଚାରିବା | ପାଚାର୍ ତାର୍ |
| Steal | ଚୋରି କରିବା | ଚରି କର୍‌ତାର୍ |
| Send | ପଠାଇବା | ପାଟାଉତାର୍ |
| Swim | ପହଁରିବା | ପଉଁର୍‌ତାର୍ |
| Sweep | ଝାଡୁ କରିବା | ବାଡାଣ୍ ତାର୍ |
| Slay | ହତ୍ୟା କରିବା | ମରତେ ମାର୍‌ତାର୍ |
| Take | ନେବା | ନେତାର୍ |
| Want | ଇଛା କରିବା | ମନ୍ କର୍‌ତାର୍ |
| Wear | ପିନ୍ଧିବା | ପିନ୍ଧତାର୍/ଚଢ଼ାଇ ହତାର୍ |
| Win | ଜିତିବା | ଜିତ୍ -ତାର୍ |
| Watch | ଜଗିବା | ଜାଗ୍‌ତାର୍ |
| Wash | ସଫା କରିବା | ସାପା କର୍‌ତାର୍ |
| Work | କାମ କରିବା | କାମ୍ କର୍‌ତାର |
| Do | କରିବା | କର୍‌ତାର୍ |
| Fall | ପଡ଼ିଯିବା | ଅଦୁର୍ ତାର୍ |
| Leave | ଛାଡ଼ିବା | ଚାଡିଦେତାର୍ |
| Shut | ବନ୍ଦ କରିବା | ବନ୍ଦ୍ କର୍‌ତାର୍ |
| Sow | ବୁଣିବା | ବୁନ୍‌ତାର୍ |
| Throw | ଫୋପାଡ଼ିବା | ଫିଙ୍ଗତାର୍ |
| Teach | ପଢ଼ାଇବା | ପଡ଼ାଉତାର୍ |
| Spend | ଖର୍ଚ୍ଚ କରିବା | କରବ୍ କର୍‌ତାର୍ |
| Think | ଚିନ୍ତା କରିବା | ଚିନ୍ତା କର୍‌ତାର୍ |
| Pray | ପ୍ରାର୍ଥନା କରିବା | ପାର୍‌ତନା କର୍‌ତାର୍ |

❖❖❖

# PRESENT TENSE ବର୍ତ୍ତମାନ କାଳ

| | First Person -Singular Number<br>ପ୍ରଥମ ପୁରୁଷ - ଏକ ବଚନ | First Person Plural Number<br>ପ୍ରଥମ ପୁରୁଷ - ବହୁ ବଚନ |
|---|---|---|
| Present Indefinite<br>ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ | I go<br>ମୁଁ ଯାଏ<br>ମୁଇଁ ଯାଇନ୍ଦ୍/ମୁଇଁ ଯାଇଁନ୍<br>I eat<br>ମୁଁ ଖାଏ<br>ମୁଇଁ କାଇନ୍ଦ୍/ମୁଇଁ କାଇଁନ୍ | We go<br>ଆମ୍ଭେମାନେ ଯାଉ<br>ଆମିମନ୍ ଯାଉଁନ୍ଦ୍/ଆମି ମନ୍ ଯାଉନ୍<br>We eat<br>ଆମ୍ଭେମାନେ ଖାଉ<br>ଆମିମନ୍ କାଉଁନ୍ଦ୍/ଆମି ମନ୍ କାଉଁନ୍ |
| Present Imperfect<br>ଅସଂପୂର୍ଣ୍ଣ ବର୍ତ୍ତମାନ | I am going<br>ମୁଁ ଯାଉଛି<br>ମୁଇଁ ଯାଉଁଲେ<br>I am eating<br>ମୁଁ ଖାଉଛି<br>ମୁଇଁ କାଉଁଲେ | We are going<br>ଆମ୍ଭେମାନେ ଯାଉଛୁ<br>ଆମିମନ୍ ଯାଉଁଲୁ<br>We are eating<br>ଆମ୍ଭେମାନେ ଖାଉଛୁ<br>ଆମି କାଉଁଲୁ / ଆମି ମନ୍ କାଉଁଲୁ |
| Present Perfect<br>ସଂପୂର୍ଣ୍ଣ ବର୍ତ୍ତମାନ | I have gone<br>ମୁଁ ଯାଇଛି<br>ମୁଇଁ ଯାଇଁଆଚି<br>I have eaten<br>ମୁଁ ଖାଇଛି<br>ମୁଇଁ କାଇଁ ଆଚି /<br>ମୁଇଁ ଖାଇଁ ଆଚି | We have gone<br>ଆମ୍ଭେମାନେ ଯାଇଛୁ<br>ଆମିମନ୍ ଯାଇଁ ଆଚୁ / ଆମି ଯାଇଁ ଆଚୁ<br>We have eaten<br>ଆମ୍ଭେମାନେ ଖାଇଛୁ<br>ଆମି କାଇଁ ଆଚୁ /<br>ଆମିମନ୍ କାଇଁ ଆଚୁ |
| Present Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ବର୍ତ୍ତମାନ | I have been going<br>ମୁଁ ଯାଇ ଆସୁଅଛି<br>ମୁଇଁ ଯାଇଁକେରି ଆସୁଲେ<br>I have been eating<br>ମୁଁ ଖାଇ ଆସୁଅଛି<br>ମୁଇଁ କାଇଁକେରି ଆସୁଲେ | We have been going<br>ଆମ୍ଭେମାନେ ଯାଇ ଆସୁଅଛୁ<br>ଆମିମନ୍ ଯାଇଁ କେରି ଆସୁଲୁ<br>We have been eating<br>ଆମ୍ଭେମାନେ ଖାଇ ଆସୁଅଛୁ<br>ଆମିମନ୍ କାଇଁ କେରି ଆସୁଲୁ |

| | Second Person - Singular Number<br>ଦ୍ୱିତୀୟ ପୁରୁଷ – ଏକ ବଚନ | Second Person - Plural Number<br>ଦ୍ୱିତୀୟ ପୁରୁଷ – ବହୁ ବଚନ |
|---|---|---|
| Present Indefinite<br>ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ | You go<br>ତୁ ଯାଉ<br>ତୁଇଁ ଯାସି<br>You eat<br>ତୁ ଖାଉ<br>ତୁଇଁ କାସି | You go<br>ତୁମ୍ଭେମାନେ ଯାଅ<br>ତුମିମନ୍ ଯାଆସ୍<br>You eat<br>ତୁମ୍ଭେମାନେ ଖାଅ<br>ତୁମିମନ୍ କାହାସ୍ |
| Present Imperfect<br>ଅସଂପୂର୍ଣ୍ଣ ବର୍ତ୍ତମାନ | You are going<br>ତୁ ଯାଉଛୁ<br>ତୁଇଁ ଯାଉଁଲିସ୍<br>You are eating<br>ତୁ ଖାଉଛୁ<br>ତୁଇଁ କାଉଁଲିସ୍ | You are going<br>ତୁମ୍ଭେମାନେ ଯାଉଛ<br>ତୁମିମନ୍ ଯାଉଁଲାସ୍<br>You are eating<br>ତୁମ୍ଭେମାନେ ଖାଉଛ<br>ତୁମିମନ୍ କାଉଁଲାସ୍ |
| Present Perfect<br>ସଂପୂର୍ଣ୍ଣ ବର୍ତ୍ତମାନ | You have gone<br>ତୁ ଯାଇଛୁ<br>ତୁଇଁ ଯାଇଁ ଆଚ୍ସି<br>You have eaten<br>ତୁ ଖାଇଛୁ<br>ତୁଇଁ କାଇଁ ଆଚ୍ସି / ତୁଇଁ ଖାଇଁ ଆଚ୍ସି | You have gone<br>ତୁମ୍ଭେମାନେ ଯାଇଛ<br>ତୁମିମନ୍ ଯାଇଁ ଆଚାସ୍<br>You have eaten<br>ତୁମ୍ଭେମାନେ ଖାଇଛ<br>ତୁମିମନ୍ କାଉଁ ଆଚାସ୍ |
| Present Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ବର୍ତ୍ତମାନ | You have been going<br>ତୁ ଯାଇ ଆସୁଅଛୁ<br>ତୁଇଁ ଯାଇଁକେରି ଆସୁଲିସ୍<br>You have been eating<br>ତୁ ଖାଇ ଆସୁଅଛୁ<br>ତୁଇଁ କାଇଁକେରି ଆସୁଲିସ୍ /<br>ତୁଇଁ ଖାଇଁକେରି ଆସୁଲିସ୍ | You have been going<br>ତୁମ୍ଭେମାନେ ଯାଇ ଆସୁଅଛ<br>ତୁମିମନ୍ ଯାଇଁକେରି ଆସୁଲାସ୍<br>You have been eating<br>ତୁମ୍ଭେମାନେ ଖାଇ ଆସୁଅଛ<br>ତୁମିମନ୍ କାଇଁକେରି ଆସୁଲାସ୍ |

| | Third Person - Singular Number<br>ତୃତୀୟ ପୁରୁଷ - ଏକ ବଚନ | Third Person - Plural Number<br>ତୃତୀୟ ପୁରୁଷ - ବହୁ ବଚନ |
|---|---|---|
| Present Indefinite<br>ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ | He / She goes<br>ସେ ଯାଏ<br>ସେ ଯାଏଦ୍ / ଆପ୍ଣା ଯାଏଦ୍<br>He / She eats<br>ସେ ଖାଏ<br>ସେ ଖାଏଦ୍ / ସେ କାଏଦ୍ /<br>ଆପ୍ଣା କାଏଦ୍ | They go<br>ସେମାନେ ଯାଆନ୍ତି<br>ସେମନ୍ ଯାତି<br>They eat<br>ସେମାନେ ଖାଆନ୍ତି<br>ସେମନ୍ ଖାତି /ସେମନ୍ କାତି |
| Present Imperfect<br>ଅସଂପୂର୍ଣ୍ଣ ବର୍ତ୍ତମାନ | He / She is going<br>ସେ ଯାଉଛି<br>ସେ ଯାଉଲା / ଆପ୍ଣା ଯାଉଲା<br>He / She is eating<br>ସେ ଖାଉଛି<br>ସେ କାଉଁଲା / ଆପ୍ଣା କାଉଁଲା | They are going<br>ସେମାନେ ଯାଉଛନ୍ତି<br>ସେମନ୍ ଯଉଁଲାଇଁ<br>They are eating<br>ସେମାନେ ଖାଉଛନ୍ତି<br>ସେମନ୍ କାଉଁଲାଇଁ |
| Present Perfect<br>ସଂପୂର୍ଣ୍ଣ ବର୍ତ୍ତମାନ | He / She has gone<br>ସେ ଯାଇଛି<br>ସେ ଯାଇଁ ଆଚ୍ / ଆପ୍ଣା ଯାଇଁ ଆଚ୍<br>He / She has eaten<br>ସେ ଖାଇଛି<br>ସେ ଖାଇଁ ଆଚ୍ / ଆପ୍ଣା ଖାଇଁ ଆଚ୍ | They have gone<br>ସେମାନେ ଯାଇଛନ୍ତି<br>ସେମନ୍ ଯାଇଁ ଆଚ୍ତି<br>They have eaten<br>ସେମାନେ ଖାଇଛନ୍ତି<br>ସେମନ୍ କାଇଁ ଆଚ୍ତ |
| Present Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣବର୍ତ୍ତମାନ | He / She has been going<br>ସେ ଯାଇ ଆସୁଅଛି<br>ସେ ଯାଇଁକେରି ଆସୁଲା<br>He / She has been eating<br>ସେ ଖାଇ ଆସୁଅଛି<br>ସେ ଖାଇଁକେରି ଆସୁଲା | They have been going<br>ସେମାନେ ଯାଇ ଆସୁଛନ୍ତି<br>ସେମନ୍ ଯାଇଁକେରି ଆସୁଲାଇଁ<br>They have been eating<br>ସେମାନେ ଖାଇ ଆସୁଛନ୍ତି<br>ସେମନ୍ ଖାଇଁକେରି ଆସୁଲାଇଁ |

# PAST TENSE ଅତୀତ କାଳ

| | First Person - Singular Number<br>ପ୍ରଥମ ପୁରୁଷ – ଏକ ବଚନ | First Person - Plural Number<br>ପ୍ରଥମ ପୁରୁଷ – ବହୁ ବଚନ |
|---|---|---|
| Past Indefinite<br>ନିତ୍ୟ ପ୍ରକୃତ ଅତୀତ | I went<br>ମୁଁ ଗଲି<br>ମୁଇଁ ଗଲ୍‌ଲେ<br>I ate<br>ମୁଁ ଖାଇଲି<br>ମୁଇଁ ଖାଇଲେ/ମୁଇଁ କାଇଁଲେ | We went<br>ଆମ୍ଭେମାନେ ଗଲୁ<br>ଆମିମନ୍ ଯାଉଁଲୁ<br>We ate<br>ଆମ୍ଭେମାନେ ଖାଇଲୁ<br>ଆମିମନ୍ ଖାଇଁଲୁ/କାଇଁଲୁ |
| Past Imperfect<br>ଅସଂପୂର୍ଣ୍ଣ ଅତୀତ | I was going<br>ମୁଁ ଯାଉଥିଲି<br>ମୁଇଁ ଯାଦ୍ୱେରିଲ୍ରେ<br>I was eating<br>ମୁଁ ଖାଉଥିଲି<br>ମୁଇଁ କାତେରିଲେ | We were going<br>ଆମ୍ଭେମାନେ ଯାଉଥିଲୁ<br>ଆମେ ଯାତେରିଲୁ<br>We were eating<br>ଆମ୍ଭେମାନେ ଖାଉଥିଲୁ<br>ଆମିମନ୍ କାତେରିଲୁ |
| Past Perfect<br>ସଂପୂର୍ଣ୍ଣ ଅତୀତ | I had gone<br>ମୁଁ ଯାଇଥିଲି<br>ମୁଇଁ ଯାଇଁରିଲେ<br>I had eaten<br>ମୁଁ ଖାଇଥିଲି<br>ମୁଇଁ କାଇଁରିଲେ | We had gone<br>ଆମ୍ଭେମାନେ ଯାଇଥିଲୁ<br>ଆମିମନ୍ ଯାଇଁରିଲୁ<br>We had eaten<br>ଆମ୍ଭେମାନେ ଖାଇଥିଲୁ<br>ଆମିମନ୍ କାଇଁରିଲୁ |
| Past Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଅତୀତ | I had been going<br>ମୁଁ ଯାଇ ଆସୁଥିଲି<br>ମୁଇଁ ଯାଇଁକେରି ଆସ୍‌ତେରିଲେ<br>I had been eating<br>ମୁଁ ଖାଇ ଆସୁଥିଲି<br>ମୁଇଁ କାଇଁ/ଖାଇଁକେରି<br>ଆସ୍‌ତେରିଲେ | We had been going<br>ଆମ୍ଭେମାନେ ଯାଇ ଆସୁଥିଲୁ<br>ଆମି ଯାଇଁ କେରି ଆସ୍‌ତେରିଲୁ<br>We had been eating<br>ଆମ୍ଭେମାନେ ଖାଇ ଆସୁଥିଲୁ<br>ଆମି ଖାଇଁ /କାଇଁକେରି<br>ଆସ୍‌ତେରିଲୁ |

| | Second Person - Singular Number<br>ଦ୍ବିତୀୟ ପୁରୁଷ – ଏକ ବଚନ | Second Person - Plural Number<br>ଦ୍ବିତୀୟ ପୁରୁଷ – ବହୁ ବଚନ |
|---|---|---|
| Past Indefinite<br>ନିତ୍ୟ ପ୍ରବୃତ୍ତ ଅତୀତ | You went<br>ତୁ ଗଲୁ<br>ତୁଇଁ ଗଲ୍‌ଲିସ୍<br>You ate<br>ତୁ ଖାଇଲୁ<br>ତୁଇଁ କାଇଁଲିସ୍ | You went<br>ତୁମ୍ଭେମାନେ ଗଲ<br>ତୁମିମନ୍ ଗଲ୍‌ଲାସ୍<br>You ate<br>ତୁମ୍ଭେମାନେ ଖାଇଲ<br>ତୁମିମନ୍ କାଇଁଲାସ୍ |
| Past Imperfect<br>ଅସଂପୂର୍ଣ୍ଣ ଅତୀତ | You were going<br>ତୁ ଯାଉଥିଲୁ<br>ତୁଇଁ ଯାତେରିଲିସ୍<br>You were eating<br>ତୁ ଖାଉଥିଲୁ<br>ତୁଇଁ କାତେରିଲିସ୍ | You were going<br>ତୁମ୍ଭେମାନେ ଯାଉଥିଲ<br>ତୁମିମନ୍ ଯାତେରିଲାସ୍<br>You were eating<br>ତୁମ୍ଭେମାନେ ଖାଉଥିଲ<br>ତୁମିମନ୍ କାତେରିଲାସ୍ |
| Past Perfect<br>ସଂପୂର୍ଣ୍ଣ ଅତୀତ | You had gone<br>ତୁ ଯାଇଥିଲୁ<br>ତୁଇଁ ଯାଇଁରିଲିସ୍<br>You had eaten<br>ତୁ ଖାଇଥିଲୁ<br>ତୁଇଁ ଖାଇଁ କାଇଁରିଲିସ୍ | You had gone<br>ତୁମ୍ଭେମାନେ ଯାଇଥିଲ<br>ତୁମିମନ୍ ଯାଇଁରିଲାସ୍<br>You had eaten<br>ତୁମ୍ଭେମାନେ ଖାଇଥିଲ<br>ତୁମିମନ୍ ଖାଇଁରିଲାସ୍ |
| Past Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଅତୀତ | You had been going<br>ତୁ ଯାଇ ଆସୁଥିଲୁ<br>ତୁଇଁ ଯାଇଁକେରି ଆସ୍‌ତେରିଲିସ୍<br>You had been eating<br>ତୁ ଖାଇ ଆସୁଥିଲୁ<br>ତୁଇଁ ଖାଇଁ /କାଇଁକେରି ଆସ୍‌ତେରିଲିସ୍ | You had been going<br>ତୁମ୍ଭେମାନେ ଯାଇ ଆସୁଥିଲ<br>ତୁମି ଯାଇଁକେରି ଆସ୍‌ତେରିଲାସ୍<br>You had been eating<br>ତୁମ୍ଭେମାନେ ଖାଇ ଆସୁଥିଲ<br>ତୁମି ଖାଇଁକେରି ଆସ୍‌ତେରିଲାସ୍ |

| | Third Person - Singular Number<br>ତୃତୀୟ ପୁରୁଷ – ଏକ ବଚନ | Third Person - Plural Number<br>ତୃତୀୟ ପୁରୁଷ – ବହୁ ବଚନ |
|---|---|---|
| Past Indefinite<br>ନିତ୍ୟ ପ୍ରବୃତ୍ତ ଅତୀତ | He / She went<br>ସେ ଗଲା<br>ସେ ଗାଲା<br>He / She ate<br>ସେ ଖାଇଲା<br>ସେ ଖାଇଲା/କାଇଁଲା | They went<br>ସେମାନେ ଗଲେ<br>ସେମନ୍ ଗଲାଇଁ<br>They ate<br>ସେମାନେ ଖାଇଲେ<br>ସେମନ୍ ଖାଇଁଲାଇଁ/କାଇଁଲାଇଁ |
| Past Imperfect<br>ଅସଂପୂର୍ଣ୍ଣ ଅତୀତ | He / She was going<br>ସେ ଯାଉଥିଲା<br>ସେ ଯାତେରିଲା<br>He / She was eating<br>ସେ ଖାଉଥିଲା<br>ସେ ଖାତେ /କାତେରିଲା | They were going<br>ସେମାନେ ଯାଉଥିଲେ<br>ସେମନ୍ ଯାତେରିଲାଇଁ<br>They were eating<br>ସେମାନେ ଖାଉଥିଲେ<br>ସେମନ୍ ଖାତେ/କାତେରିଲାଇଁ |
| Past Perfect<br>ସଂପୂର୍ଣ୍ଣ ଅତୀତ | He / She had gone<br>ସେ ଯାଇଥିଲା<br>ସେ ଯାଇଁରିଲା<br>He / She had eaten<br>ସେ ଖାଇଥିଲା<br>ସେ ଖାଇଁ /କାଇଁରିଲା | They had gone<br>ସେମାନେ ଯାଇଥିଲେ<br>ସେମନ୍ ଯାଇଁରିଲାଇଁ<br>They had eaten<br>ସେମାନେ ଖାଇଥିଲେ<br>ସେମନ୍ ଖାଇଁ/କାଇଁରିଲାଇଁ |
| Past Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଅତୀତ | He / She had been going<br>ସେ ଯାଇ ଆସୁଥିଲା<br>ସେ ଯାଇଁକେରି ଆସ୍‌ତେରିଲା<br>He / She had been eating<br>ସେ ଖାଇ ଆସୁଥିଲା<br>ସେ ଖାଇଁ /କାଇଁକେରି ଆସ୍‌ତେରିଲା | They had been going<br>ସେମାନେ ଯାଇ ଆସୁଥିଲେ<br>ସେମନ୍ ଯାଇଁକେରି ଆସ୍‌ତେରିଲାଇଁ<br>They had been eating<br>ସେମାନେ ଖାଇ ଆସୁଥିଲେ<br>ସେମନ୍ ଖାଇଁକେରି ଆସ୍‌ତେରିଲାଇଁ |

# FUTURE TENSE ଭବିଷ୍ୟତ କାଳ

| | First Person - Singular Number<br>ପ୍ରଥମ ପୁରୁଷ - ଏକ ବଚନ . | First Person - Plural Number<br>ପ୍ରଥମ ପୁରୁଷ - ବହୁ ବଚନ |
|---|---|---|
| Future Indefinite<br>ନିତ୍ୟ ପ୍ରବୃତ୍ତ ଭବିଷ୍ୟତ | I shall go<br>ମୁଁ ଯିବି<br>ମୁଇଁ ଯାଇନ୍‌ଦ୍<br>I shall eat<br>ମୁଁ ଖାଇବି<br>ମୁଇଁ ଖାଇଁନ୍‌ଦ୍ | We shall go<br>ଆମ୍ଭେମାନେ ଯିବୁ<br>ଆମିମନ୍ ଯାଉନ୍‌ଦ୍<br>We shall eat<br>ଆମ୍ଭେମାନେ ଖାଇବୁ<br>ଆମିମନ୍ ଖାଉନ୍‌ଦ୍/କାଉନ୍‌ଦ୍ |
| Future Imperfect<br>ଅସଂପୂର୍ଣ୍ଣ ଭବିଷ୍ୟତ | I shall be going<br>ମୁଁ ଯାଉଥିବି<br>ମୁଇଁ ଯାତେରେଇନ୍‌ଦ୍<br>I shall be eating<br>ମୁଁ ଖାଉଥିବି<br>ମୁଇଁ ଖାତେରେଇନ୍‌ଦ୍ | We shall be going<br>ଆମ୍ଭେମାନେ ଯାଉଥିବୁ<br>ଆମିମନ୍ ଯାତେରେଉଁନ୍‌ଦ୍<br>We shall be eating<br>ଆମ୍ଭେମାନେ ଖାଉଥିବୁ<br>ଆମିମନ୍ ଖାତେରେଉଁନ୍‌ଦ୍ |
| Future Perfect<br>ସଂପୂର୍ଣ୍ଣ ଭବିଷ୍ୟତ | I shall have gone<br>ମୁଁ ଯାଇଥିବି<br>ମୁଇଁ ଯାଇରେଇଁନ୍‌ଦ୍<br>I shall have eaten<br>ମୁଁ ଖାଇଥିବି<br>ମୁଇଁ ଖାଇଁରେଇଁନ୍‌ଦ୍ | We shall have gone<br>ଆମ୍ଭେମାନେ ଯାଇଥିବୁ<br>ଆମିମନ୍ ଯାଇଁରେଉଁନ୍‌ଦ୍<br>We shall have eaten<br>ଆମ୍ଭେମାନେ ଖାଇଥିବୁ<br>ଆମିମନ୍ ଖାଇଁରେଉଁନ୍‌ଦ୍ |
| Future Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଭବିଷ୍ୟତ | I shall have been going<br>ମୁଁ ଯାଇ ଆସୁଥିବି<br>ମୁଇଁ ଯାଇଁକେରି ଆସ୍‌ତିରେଇଁନ୍‌ଦ୍<br>I shall have been eating<br>ମୁଁ ଖାଇ ଆସୁଥିବି<br>ମୁଇଁ ଖାଇଁକେରି ଆସ୍‌ତିରେଇନ୍‌ଦ୍ | We shall have been going<br>ଆମ୍ଭେମାନେ ଯାଇ ଆସୁଥିବୁ<br>ଆମିମନ୍ ଯାଇଁକେରି ଆସ୍‌ତିରେଉଁନ୍‌ଦ୍<br>We shall have been eating<br>ଆମ୍ଭେମାନେ ଖାଇ ଆସୁଥିବୁ<br>ଆମିମନ୍ ଖାଇଁକେରି ଆସ୍‌ତେରେଉଁନ୍‌ଦ୍ |

| | Second Person - Singular Number<br>ଦ୍ୱିତୀୟପୁରୁଷ – ଏକ ବଚନ | Second Person - Plural Number<br>ଦ୍ୱିତୀୟପୁରୁଷ – ବହୁ ବଚନ |
|---|---|---|
| Future Indefinite<br>ନିତ୍ୟ ପ୍ରବୃତ୍ତ ଭବିଷ୍ୟତ | You will go<br>ତୁ ଯିବୁ<br>ତୁଇଁ ଯାସି<br>You will eat<br>ତୁ ଖାଇବୁ<br>ତୁଇଁ ଖାସି | You will go<br>ତୁମ୍ଭେମାନେ ଯିବ<br>ତୁମିମନ୍ ଯାହାସ୍<br>You will eat<br>ତୁମ୍ଭେମାନେ ଖାଇବ<br>ତୁମିମନ୍ କାହାସ୍ |
| Future Imperfect<br>ଅସଂପୂର୍ଣ୍ଣ ଭବିଷ୍ୟତ | You will be going<br>ତୁ ଯାଉଥିବୁ<br>ତୁଇଁ ଯାତେରିସି<br>You will be eating<br>ତୁ ଖାଉଥିବୁ<br>ତୁଇଁ ଖାତେରିସି | You will be going<br>ତୁମ୍ଭେମାନେ ଯାଉଥିବ<br>ତମିମନ୍ ଯାତେରିଆସ୍<br>You will be eating<br>ତୁମ୍ଭେମାନେ ଖାଉଥିବ<br>ତମିମନ୍ ଖାତେରିଆସ୍ |
| Future Perfect<br>ସଂପୂର୍ଣ୍ଣ ଭବିଷ୍ୟତ | You will have gone<br>ତୁ ଯାଇଥିବୁ<br>ତୁଇଁ ଯାଇଁରେସି<br>You will have eaten<br>ତୁ ଖାଇଥିବୁ<br>ତୁଇଁ ଖାଇଁରେସି | You will have gone<br>ତୁମ୍ଭେମାନେ ଯାଇଥିବ<br>ତୁମିମନ୍ ଯାଇଁରିଆସ୍<br>You will have eaten<br>ତୁମ୍ଭେମାନେ ଖାଇଥିବ<br>ତୁମିମନ୍ ଖାଇଁରିଆସ୍ |
| Future Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଭବିଷ୍ୟତ | You will have been going<br>ତୁ ଯାଇ ଆସୁଥିବୁ<br>ତୁଇଁ ଯାଇଁକେରି ଆସ୍‌ତିରେସି<br>You will have been eating<br>ତୁ ଖାଇ ଆସୁଥିବୁ<br>ତୁଇଁ ଖାଇଁ /କାଇଁକେରି ଆସ୍‌ତିରେସି | You will have been going<br>ତୁମ୍ଭେମାନେ ଯାଇ ଆସୁଥିବ<br>ତୁମିମନ୍ ଯାଇଁ କେରି ଆସ୍‌ତେ ରିଆସ୍<br>You will have been eating<br>ତୁମ୍ଭେମାନେ ଖାଇ ଆସୁଥିବ<br>ତୁମିମନ୍ ଖାଇଁ /କାଇଁକେରି ଆସ୍‌ତିରିଆସ୍ |

| | Third Person - Singular Number<br>ତୃତୀୟପୁରୁଷ – ଏକ ବଚନ | Third Person - Plural Number<br>ତୃତୀୟପୁରୁଷ – ବହୁ ବଚନ |
|---|---|---|
| Future Indefinite<br>ନିତ୍ୟ ପ୍ରବୃତ୍ତ ଭବିଷ୍ୟତ | He / She will go<br>ସେ ଯିବ<br>ସେ ଯାଏଦ୍<br>He / She will eat<br>ସେ ଖାଇବ<br>ସେ ଖାଏଦ୍ | They will go<br>ସେମାନେ ଯିବେ<br>ସେମନ୍ ଯାତି<br>They will eat<br>ସେମାନେ ଖାଇବେ<br>ସେମନ୍ ଖାତି |
| Future Imperfect<br>ଅସଂପୂର୍ଣ୍ଣ ଭବିଷ୍ୟତ | He / She will be going<br>ସେ ଯାଉଥିବ<br>ସେ ଯାଇଁରେଏଦ୍<br>He / She will be eating<br>ସେ ଖାଉଥିବ<br>ସେ ଖାଇଁ /କାଇଁରେଏଦ୍ | They will be going<br>ସେମାନେ ଯାଉଥିବେ<br>ସେମନ୍ ଯାତିରେତି<br>They will be eating<br>ସେମାନେ ଖାଉଥିବେ<br>ସେମନ୍ ଖାତିରେତି |
| Future Perfect<br>ସଂପୂର୍ଣ୍ଣ ଭବିଷ୍ୟତ | He / She will have gone<br>ସେ ଯାଇଥିବ<br>ସେ ଯାଇଁରେଦ୍/ ଯାଇଁରେଏଦ୍<br>He / She will have eaten<br>ସେ ଖାଇଥିବ<br>ସେ ଖାଇଁ /କାଇଁରେଏଦ୍ | They will have gone<br>ସେମାନେ ଯାଇଥିବେ<br>ସେମନ୍ ଯାଇଁରେତି<br>They will have eaten<br>ସେମାନେ ଖାଇଥିବେ<br>ସେମନ୍ ଖାଇଁ /କାଇଁରେତି |
| Future Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଭବିଷ୍ୟତ | He / She will have been going<br>ସେ ଯାଇ ଆସୁଥିବ<br>ସେ ଯାଇଁକେରି ଆସ୍‌ତିରେଏଦ୍<br>He / She will have been eating<br>ସେ ଖାଇ ଆସୁଥିବ<br>ସେ ଖାଇଁକେରି ଆସ୍‌ତିରେଏଦ୍ | They will have been going<br>ସେମାନେ ଯାଇ ଆସୁଥିବେ<br>ସେମନ୍ ଯାଇଁକେରି ଆସ୍‌ତିରେତି<br>They will have been eating<br>ସେମାନେ ଖାଇ ଆସୁଥିବେ<br>ସେମନ୍ ଖାଇଁକେରି ଆସ୍‌ତିରେତି |

# ସାଧାରଣ ବାକ୍ୟାବଳୀ

1. What is your name ?
ତୁମ ନାମ କ'ଣ ?
ତର୍ ନାଉଁ କାଇଁ ? ତର୍ ନାଉଁ କାଇଁ ନାଉଁ ?
2. From which are you from ?
ତୁମେ କେଉଁ ଗ୍ରାମର ଅଟ ?
ତୁମାର୍ କୁନ୍ ଗାଉଁ ?
3. What is the name of your village ?
ତୁମ ଗ୍ରାମର ନାମ କ'ଣ ?
ତୁମାର ଗାଉଁର ନାଉଁ କାଇଁ ?
4. Are you married ?
ତୁମେ ବିବାହ ହୋଇଛ କି ?
ତୁଇଁ କନିଆଁ ଆଣ୍‌ଲିସ୍ ବେ କି ?
5. How many children have you ?
ତୁମର କେତେଜଣ ପିଲା ଛୁଆ ଅଛନ୍ତି ?
ତର୍ କେତିଗଟ୍ ଟକିପିଲା ଆତ୍‌ତି ?
6. How many sons have you ?
ତୁମର କେତେଜଣ ପୁଅ ଅଛନ୍ତି ?
ତର୍ ପିଲାପନ୍ କେତିଗଟ୍ ଆତ୍‌ତି ?
7. How many daughters have you ?
ତୁମର କେତେଜଣ ଝିଅ ଅଛନ୍ତି ?
ତର୍ କେତିଗଟ୍ ଟକି ଆତ୍‌ତି ?
8. Do you have your parents ?
ତୁମର ପିତାମାତା ଅଛନ୍ତି କି ?
ତର୍ ଆୟା-ଆବା ଆଛ୍‌ତି କି ?

9. What is your father's name ?

ତୁମ ବାପାଙ୍କ ନାମ କ'ଣ ?

ତର୍ ଆବାର ନାଉଁ କାଇଁ ନାଉଁ ?

10. What is your monther's name ?

ତୁମ ମା'ଙ୍କ ନାମ କ'ଣ ?

ତର୍ ଆୟାର୍ ନାଉଁ କାଇଁ ନାଉଁ ?

11. Do you have your grant parents ?

ତୁମର ଜେଜେ, ଜେଜି ଅଛନ୍ତି କି ?

ତର୍ ଦାଦା ନାନା ଆଛ୍‌ତି କି ?

12. What is your grandfather's name ?

ତୁମ ଜେଜେଙ୍କର ନାମ କ'ଣ ?

ତର୍ ଦାଦାସିର୍ ନାଉଁ କାଇଁ ନାଉଁ ?

13. What is your grandmother's name ?

ତୁମ ଜେଜି / ଆଈଙ୍କ ନାମ କ'ଣ ?

ତର୍, ବଉ / ନାନାର୍ ନାଉଁ କାଇଁ ନାଉଁ ?

14. How many brothers have you ?

ତୁମର କେତେଜଣ ଭାଇ ଅଛନ୍ତି ?

ତର୍ କେତିଗଟ୍ ବାଇ ଆବ୍‌ତି ?

15. What are there names ?

ସେମାନଙ୍କର ନାମ କ'ଣ ?

ସେ ଲୋକାର୍ ନାଉଁ କାଇଁ ନାଉଁ ?

16. What are your brothers ?

ତୁମ ଭାଇମାନେ କ'ଣ କରୁଛନ୍ତି ?

ତର୍ ବାଇମନ୍ କାଇଁ କେରୁଳାଇଁ ?

17. Do your brothers help you in your work ?

ତୁମ ଭାଇମାନେ ତୁମକୁ କାମରେ ସାହାଯ୍ୟ କରନ୍ତି କି ?

ତର ବାଇମନ୍ ତର୍ କାମେ ସାଇଜ୍ କର୍‌ତି କି ?

18. Which works they prefer to do ?

କେଉଁ କାମ କରିବାକୁ ସେମାନେ ପସନ୍ଦ କରନ୍ତି ?

କୁନ୍ କାମ କରୁକ୍ ସେମନ୍, ମନ୍ କରତି ?

19. Do they like to live together ?

ସେମାନେ ଏକାଠି ରହିବାକୁ ଭଲ ପାଆନ୍ତି କି ?

ସେ ମନ୍ ଗଟେକ୍ ଡେଇଁ ରେଉଁକ୍ ବଲ୍ ପାଉତି କି ?

20. Do they help to the neighbours in their work ?

ସେମାନେ ପଡ଼ୋଶୀମାନଙ୍କ କାର୍ଯ୍ୟରେ ସହଯୋଗ କରନ୍ତି କି ?

ସେ ମନ୍ ଲଗାର୍ ପାକେର୍ ଲକ୍ ମନାର କାମେ ବିଡ୍‌ତି କି ?

21. How sisters have you ?

ତୁମର କେତେଜଣ ଭଉଣୀ ଅଛନ୍ତି ?

ତର୍ କେତିଗଟ୍ ବେଣୀ (ଭଉଣୀ) ଆଚ୍‌ତି ?

22. What are their names ?

ସେମାନଙ୍କର ନାମ କ'ଣ ?

ସେ ଲୋକାର୍ ନାଉଁ କାଇଁ ନାଉଁ ?

23. What are your sisters ?.

ତୁମ ଭଉଣୀମାନେ କ'ଣ କରୁଛନ୍ତି ?

ତର୍ ବେଣୀମନ୍ କାଇଁ କେରୁଲାଇଁ ?

24. Do they know cooking ?

ସେମାନେ ରୋଷେଇ ଜାଣନ୍ତି କି ?

ସେ ମନ୍ ରାନ୍ଧୁକ୍ ଜାଣ୍‌ତି କି ?

25. Do they sing song in special occasions ?

ସେମାନେ ସ୍ୱତନ୍ତ୍ର ଦିବସରେ ଗୀତ ବୋଲନ୍ତି କି ?

ସେମନ୍ ନିକା ଦିନାରେ ଗୀତ୍ ଗାତି କି ?

26. Are your brothers married ?

ତୁମର ଭାଇମାନେ ବିବାହ କରିଛନ୍ତି କି ?

ତର୍ ବାଇମନ୍ କନିଆଁ ଆଣି ଆଚ୍ତି କି ?

ତର୍ ବାଇମନ୍ ବିବାହଇଁ ଆଚ୍ତିକି ?

27. How many brothers have married ?

କେତେଜଣ ଭାଇ ବିବାହ କରିଛନ୍ତି ?

କେତିଗଟ୍ ବାଇ କନିଆଁ ଆଣି ଆଚ୍ତି ? / କେତି ଗଟ୍ ବାଇ ବିବା ହଇଁ ଆଚ୍ତି ?

28. How many brothers have not married ?

କେତେଜଣ ଭାଇ ବିବାହ କରିନାହାନ୍ତି ?

କେତି ଗଟ୍ ବାଇ କନିଆ ନାଣ୍ତି ? /କେତି ଗଟ୍ ବାଇ ବିବା ହତି ନାଇତା?

29. Are your sisters married ?

ତୁମର ଭଉଣୀମାନେ ବିବାହ କରିଛନ୍ତି କି ?

ତର୍ ବେଣୀମନ୍ ବିବା ହଇଁ ଆଚ୍ତି କି ?

30. How many sisters have married ?

କେତେଜଣ ଭଉଣୀ ବିବାହ କରିଛନ୍ତି ?

କେତି ଗଟ୍ ବେଣୀ ବିବା ହଇଁ ଆଚ୍ତି ?

31. How many sisters have unmarried ?

କେତେଜଣ ଭଉଣୀ ବିବାହ କରିନାହାନ୍ତି ?

କେତିଗଟ୍ ବେଣୀ ବିବା ହତି ନାଇଁତା ?

32. How many brothers has your father ?

ତୁମ ବାପାଙ୍କର କେତେଜଣ ଭାଇ ଅଛନ୍ତି ?

ତର୍ ଆବାର୍ କେତିଗଟ୍ ବାଇ ଆଚ୍ତି ?

33. How many sisters has your father?
ତୁମ ବାପାଙ୍କର କେତେଜଣ ଭଉଣୀ ଅଛନ୍ତି ?
ତର୍ ଆବାର୍ କେତିଗଟ୍ ବେଣୀ ଆବ୍ତି ?

34. How many brothers has your mother?
ତୁମ ମା'ଙ୍କର କେତେଜଣ ଭାଇ ଅଛନ୍ତି ?
ତର୍ ଆୟାର୍ କେତିଗଟ୍ ବାଇ ଆବ୍ତି ?

35. How many sisters has your mother?
ତୁମ ମା'ଙ୍କର କେତେଜଣ ଭଉଣୀ ଅଛନ୍ତି ?
ତର୍ ଆୟାର୍ କେତିଗଟ୍ ବେଣୀ ଆବ୍ତି ?

36. What do you call your father?
ତୁମ ବାପାଙ୍କୁ ତୁମେ କ'ଣ ଡାକୁଛ ?
ତର୍ ଆବାକେ କାଇଁବଲି ଡାକୁଲିସ୍ ?

37. How many families in your village?
ତୁମ ଗ୍ରାମରେ କେତୋଟି ପରିବାର ଅଛନ୍ତି ?
ତୁମାର୍ ଗାଏଁ କେତି ଘରଲକ୍ ଆବ୍ତି ?

38. How many houses in your village?
ତୁମ ଗ୍ରାମରେ କେତୋଟି ଘର ଅଛି ?
ତୁମାର୍ ଗାଏଁ କେତିଗଟ୍ ଘର (ଗର୍) ଆବ୍ ?

39. Who is the village head man?
ତୁମ ଗ୍ରାମର ମୁଖିଆ କିଏ ?
ତୁମାର୍ ଗାଏଁର୍ ମୁକ୍ୟମ୍ କେ ?

40. Do the villagers obey him?
ଗ୍ରାମବାସୀମାନେ ତାଙ୍କୁ ମାନନ୍ତି କି- ?
ଗାଏଁର୍ ଲକ୍‌ମନ୍ ତାକ୍ ମାନୁଲାଇଁ କି ?

41. Which festivals do the villagers observe ?
ଗ୍ରାମବାସୀମାନେ କେଉଁ କେଉଁ ପର୍ବପର୍ବାଣୀ ପାଳନ କରିଥାନ୍ତି ?
ଗାଁ ଏଁର ଲକ୍‌ମନ୍ କାଇଁ କାଇଁ ହରବ୍ ମାନ୍‌ତି ?

42. What is name of your village deity ?
ତୁମ ଗ୍ରାମ ଦେବତାଙ୍କ ନାମ କ'ଣ ?
ତୁମାର୍ ଗାଉଁ ଦେବ୍‌ତାର୍ ନାଉଁ କାଇଁ ?

43. Which festival do the villagers observe the most ?
କେଉଁପର୍ବଟିକୁ ଗ୍ରାମବାସୀମାନେ ସବୁଠାରୁ ଭଲ ଭାବରେ ପାଳନ କରିଥାନ୍ତି ?
କୁନ୍ ହରବ୍ ଗାଏଁର ଲକ୍‌ମନ୍ ସବେର୍ ଟାଣେର୍ ଅଣି ବଲ୍‌କରି ମାନ୍‌ତି ?

44. Which villages stand nearby your village ?
ତୁମ ଗ୍ରାମକୁ ଲାଗି ଅନ୍ୟ କେଉଁ କେଉଁ ଗ୍ରାମ ରହିଛି ?
ତୁମାର୍ ଗାଉଁ କେ ଲାଗିକେରି କୁନ୍‌କୁନ୍ ଗାଉଁ ଆଚ୍ ?

45. Which other caste people do live in the nearby villages ?
ପାଖ ଗ୍ରାମଗୁଡ଼ିକରେ ଅନ୍ୟ କେଉଁ ଜାତିରଲୋକେ ବସବାସ କରିଥାନ୍ତି ?
ଲଗେର୍ ଗାଏଁ ଅଇନ୍ କୁନ୍ ଜାତିର ଲକ୍ ବାସା କରି ଆଚ୍‌ତି?

46. Do you go to the nearest village ?
ତୁମେ ପାଖ ଗ୍ରାମକୁ ଯାଅ କି ?
ତୁଇଁ ଲଗେର୍ ଗାଏଁ ଯାସି କି ?

47. What do the villagers collect from the forest ?
ଗ୍ରାମବାସୀମାନେ ଜଙ୍ଗଲରୁ କ'ଣ ସଂଗ୍ରହ କରିଥାନ୍ତି ?
ଗାଉଁର ଲକ୍‌ମନ୍ ଡ଼ଙ୍ଗର୍‌ରେ ଅଣି କାଇଁକାଇଁ ମିଡ଼ାଉତି ?

48. Do all people put on new dress during the festival ?
ପର୍ବପର୍ବାଣୀମାନଙ୍କରେ ସମସ୍ତେ ନୂଆ ପୋଷାକ ପିନ୍ଧିଥାନ୍ତି କି ?
ହରବ୍ ପୁନି ଦିନେ ସବୁଲକ୍ ନୂଆଁ କଟ୍ କାମିଜ୍ ପିନ୍ଦ୍‌ତି କି ?

49. What is the name of the nearest market ?

ନିକଟତମ ହାଟର ନାମ କ'ଣ ?

ଲଗେ ରେତା ହାଟର୍ ନାଉଁ କାଇଁ ?

50. What do you eat daily ?

ତୁମେ ପ୍ରତିଦିନ କ'ଣ ଖାଅ ?

ତୁଇଁ ଦିନାରେ କାଇଁ କାସି (ଖାସି) ?

51. Who is your best friend ?

ତୁମର ପ୍ରିୟ ସାଙ୍ଗ କିଏ ?

ତର୍ ବଡେ ସଙ୍ଗ୍ କେ ?

52. How are you ?

ତୁମେ କେମିତି ଅଛ ?

ତୁଇଁ କେନ୍ କାର୍ ଆବ୍ସି ?

53. Are all other well ?

ଆଉ ସବୁ କୁଶଳ ତ ?

ଆରି ସବୁ ବଲ୍ ତ ?

54. How is your health ?

ତୁମର ସ୍ୱାସ୍ଥ୍ୟ କେମିତି ଅଛି ?

ତର୍ ଗାଗାଢ୍ କେନ୍‌କାର୍ ଆବ୍ ?

55. What do you do when your father suffers ?

ତୁମ ବାପାଙ୍କ ଦେହ ଖରାପ ହେଲେ ତୁମେ କ'ଣ କର ?

ତର୍ ଆବାର୍ ଗାଗାଢ୍ ନସ୍‌ଲେକ୍ ତୁମି କାଇଁ କରାସ୍ ?

56. What do you buy from the market ?

ତୁମେ ହାଟରୁ କି କି ଜିନିଷ କିଣ ?

ତୁମି ହାଟେର୍ ଅଣି କାଇଁ କାଇଁ ଜିନ୍ଷୁ ଗେଣାସ୍ ?

57. How was the rainfall this year ?

ଏ ବର୍ଷ ବର୍ଷାପାଣି କେମିତି ଥିଲା ?

ଏସୁ ବର୍ଷେ ପାଣିବର୍ଷା କେନ୍‌କାର୍ ରିଲି ?

58. How was your harvest this year ?

ଏ ବର୍ଷ ତୁମର ଫସଲ କେମିତି ହୋଇଥିଲା ?

ଏସୁ ବର୍ଷେ ତୁମାର ପାଚି କେନ୍‌କାର୍ ହୋଇରିଲା ?

59. Did you have a good crops ?

ତୁମର ଭଲ ଫସଲ ହୋଇଥିଲା କି ?

ତୁମାର୍ ତାସ୍ ବଲ୍ ହଇଁ ରିଲିକି ?

60. Is there any failure / loss of crops this year ?

ଏବର୍ଷ କୌଣସି ଫସଲ ହାନୀ ହୋଇଛି କି ?

ଏସୁ ବର୍ଷେ କୁନ୍‌ବା ତାସ୍ ବୁଡ଼ି ଗଲିକି ?

61. If yes, what are the reasons ?

ଯଦି ହଁ, ତେବେ କେଉଁ କାରଣରୁ ହେଲା ନାହିଁ ?

ଯଦି ହାଁ, ତବେ କାଇଁପାଇଁ ନ ଅଇଲି ?

62. Are you well now ?

ତୁମେ ଏବେ ଭଲ ଅଛ ତ ?

ତୁଇଁ ଆବେ ନିକା ଆଚ୍‌ସି ତ ?

63. Do you know how to read and write ?

ତୁମେ ପଢ଼ା ଲେଖା ଜାଣ କି ?

ତୁଇଁ ଲେକା ପଡ଼ା ଜାଣ୍‌ସି କି ?

64. What do you like to do ?

ତୁମେ କ'ଣ କରିବାକୁ ଭଲ ପାଅ ?

ତକେ କାଇଁ କରୁକ୍ ନିକା ଲାଗେଦ୍ ?

49. What is the name of the nearest market?

ନିକଟତମ ହାଟର ନାମ କ'ଣ ?

ଲଗେ ରେତା ହାଟର୍ ନାଉଁ କାଇଁ ?

50. What do you eat daily?

ତୁମେ ପ୍ରତିଦିନ କ'ଣ ଖାଅ ?

ତୁଇଁ ଦିନାରେ କାଇଁ କାସି (ଖାସି) ?

51. Who is your best friend?

ତୁମର ପ୍ରିୟ ସାଙ୍ଗ କିଏ ?

ତର୍ ବଡେ ସଙ୍ଗ୍ କେ ?

52. How are you?

ତୁମେ କେମିତି ଅଛ ?

ତୁଇଁ କେନ୍ କାର୍ ଆବ୍‌ସି ?

53. Are all other well?

ଆଉ ସବୁ କୁଶଳ ତ ?

ଆରି ସବୁ ବଲ୍ ତ ?

54. How is your health?

ତୁମର ସ୍ୱାସ୍ଥ୍ୟ କେମିତି ଅଛି ?

ତର୍ ଗାଗାଦ୍ କେନ୍‌କାର୍ ଆବ୍ ?

55. What do you do when your father suffers?

ତୁମ ବାପାଙ୍କ ଦେହ ଖରାପ ହେଲେ ତୁମେ କ'ଣ କର ?

ତର୍ ଆବାର୍ ଗାଗାଦ୍ ନସ୍‌ଲେକ୍ ତୁମି କାଇଁ କରାସ୍ ?

56. What do you buy from the market?

ତୁମେ ହାଟରୁ କି କି ଜିନିଷ କିଣ ?

ତୁମି ହାଟେର୍ ଅଣି କାଇଁ କାଇଁ ଜିନ୍‌ଷୁ ଗେଣାସ୍ ?

65. What have you eaten today ?

ତୁମେ ଆଜି କ'ଣ ଖାଇଛ ?

ତୁଇଁ ଆଜି କାଇଁ ଖାଇଁ ଆଚ୍‌ସି ?

66. Do all of your family members enjoy good health ?

ତୁମ ପରିବାରରେ ସମସ୍ତେ ଭଲରେ ଅଛନ୍ତି କି ?

ତୁମାର୍ ଗରେ ସବେଲକ୍ ନିକାସେ ଆଚ୍‌ତି କି ?

67. How old are you now ?

ତୁମର ବର୍ତ୍ତମାନ ବୟସ କେତେ ?

ତର୍ ବେଇଁସ୍ ଆବେ କତେକ୍ ?/ ଆବେ ତରବେଇଁସ୍ କେତେକ୍ ?

68. Do you like to sing ?

ତୁମେ ଗୀତ ବୋଲିବାକୁ ଭଲ ପାଅ କି ?

ତକେ ଗୀତ୍ କଉଁକ୍ ନିକା ଲାଗେଦ୍ କି ?

69. Do you take part in dance ?

ତୁମେ ନୃତ୍ୟରେ ଭାଗ ନିଅ କି ?

ତୁଇଁ ନାଚୁକ୍ ବିଦ୍‌ସି କି ?

70. What makes you laugh always ?

ତୁମେ କାହିଁକି ସବୁବେଳେ ହସୁଛ ?

ତୁଇଁ କାଇଁତାକ୍ ଯଦ୍‌ବଦ୍ ନିଚୋଦ୍‌ସି ? ତୁଇଁ କାଇଁତାକ୍ ଯେତେତେଡେବେଦ୍ ନିଚୋଦ୍‌ସି ?

71. Have you ever helped your friend ?

ତୁମେ ତୁମ ସାଙ୍ଗକୁ କେବେ ସାହାଯ୍ୟ କରିଛ କି ?

ତୁଇଁ ତର୍ ସଙ୍ଗ ଲକ୍‌କେ କବେବା ସାଇଜ୍ କରି ଆଚ୍‌ସିକି ?

72. Have you ever been to the nearest village ?

ତୁମେ ପାଖ ଗାଁକୁ କେବେ ଯାଇଛ କି ?

ତୁଇଁ ଲଗାର୍ ଗାଉଁ କବେବା ଯାଇଁ ଆଚ୍‌ସିକି ?

73. How many members are there in your family ?

ତୁମ ପରିବାରର ସଦସ୍ୟ ସଂଖ୍ୟା କେତେ ?

ତୁମାର୍ ଗରେ କେତି ଲକ୍ ?

74. Who are there in your family ?

ତୁମ ପରିବାରରେ କିଏ କିଏ ଅଛନ୍ତି ?

ତୁମାର୍ ଘରେ (ଗରେ) କେ, କେ ଆବ୍ତି ?

75. Do your family members like each other ?

ତୁମ ପରିବାରର ଲୋକେ ପ୍ରତ୍ୟେକଙ୍କୁ ଭଲ ପାଆନ୍ତି ତ ?

ତୁମାର୍ ଗରେର୍ ଲକ୍ ସବେ ନିକାସେ ବଲ୍ତି କି ?

76. What is your staple food ?

ତୁମେ ପ୍ରତିଦିନ ମୁଖ୍ୟ ଖାଦ୍ୟ ହିସାବରେ କ'ଣ ଖାଅ ?

ତୁମି ଦିନାରେ କାଇଁ ନିଦାନ୍ କରି ଖାଆସ୍ ?

77. How many festivals do you observe in a year ?

ବର୍ଷକ ମଧ୍ୟରେ ତୁମେ କେତୋଟି ପର୍ବ ପାଳନ କରିଥାଅ ?

ବରଷ୍ ବିତ୍ରେ ତୁମି କେତିଗଟ୍ ହରବ୍ ମାନ୍ସା ?

78. Do you earn for your family ?

ତୁମେ ପରିବାର ପାଇଁ ରୋଜଗାର କରୁଛ ତ ?

ତୁଇଁ ଘରେର୍ ଅଣି କାମାଉଲିସ୍ ତ ?

79. Is your earning managable for your family ?

ପରିବାର ପାଇଁ ତୁମର ରୋଜଗାର ଚଳଣୀୟ ?

ଘରେର୍ ଅଣି ତର୍ କାମାଉଣି ଚଲ୍ସି ତ ?

80. Are all of your family members capable for earning ?

ପରିବାରର ସମସ୍ତେ ରୋଜଗାରକ୍ଷମ କି ?

ଘରେର୍ ସବେଲକ୍ କାମାଉଲାଇଁକି ?

81. Do you get wages properly ?
ତୁମେ ଠିକ୍ ଭାବରେ ମଜୁରୀ ପାଉଛ ତ ?
ତକେ ନିକାକରି କୁଲି ମିଡୁଲି ତ ?
82. Did any government official come to your village ?
କୌଣସି ସରକାରୀ କର୍ମଚାରୀ ତୁମ ଗ୍ରାମକୁ ଆସିଥିଲେ କି ?
କୁନ୍‌ବା ସରକାର୍ ଲକ୍ ତୁମାର୍ ଗାଏଁ ଆସି ରିଲାଇଁ କି ?
83. Have you got any grant from the government ?
ତୁମେ ସରକାରଙ୍କଠାରୁ କିଛି ଅନୁଦାନ ପାଇଛ କି ?
ତୁଇଁ ସରକାର୍‌ରେର୍ ଅଣି କୁନ୍‌ବା ସାଇଜ୍ ପାଇଁ ଆଚ୍‌ସି କି ?
84. Have the government taken any step for the development of your village ?
ତୁମ ଗ୍ରାମର ଉନ୍ନତି ପାଇଁ ସରକାର କିଛି ପଦକ୍ଷେପ ନେଇଛନ୍ତିକି ?
ତୁମାର୍ ଗାଏଁର ଉନ୍‌ତି ଫାଇଁ ସର୍‌କାର୍ କୁନ୍‌ବା କାମ କରି ଆଚତିକି ?
85. Did you meet any government official last month ?
ତୁମେ ଗତ ମାସରେ କେଉଁ ସରକାରୀ ବାବୁଙ୍କୁ ଭେଟିଥିଲ କି ?
ତୁଇଁଗାଲା ମାସେ କୁନ୍ ସର୍‌କାରୀ ବାବୁକେ ବେଟ୍ ହଇ ରିଲିସ୍ କି ?
86. Do all the people collect forest produces ?
ସମସ୍ତ ଲୋକ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରନ୍ତି କି ?
ସବେଲକ୍ ବନେର୍ ଅଣି ମିଦ୍‌ତା ଜିନଷୁ ମିଡ଼ାଉତି କି ?
87. Do they sell forest produces ?
ସେମାନେ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି କରନ୍ତି କି ?
ସେ ମନ୍ ବନେ ମିଡ୍‌ତା ଜିନଷୁ ବିକ୍‌ତି କି ?
88. Are they getting fair price in selling the forest produces ?
ଜଙ୍ଗଲଜାତଦ୍ରବ୍ୟ ବିକ୍ରିକରି ସେମାନେ ଉଚିତ୍ ମୂଲ୍ୟ ପାଉଛନ୍ତି କି ?
ବନେ ମିଦ୍‌ତା ଜିନଷୁ ବିକିକରି ପାଇଲାଫର୍ ଡ଼ାବୁ ପାଉଁଲାସ୍ ତ ?

89. Where do they sell the forest produces ?
ସେମାନେ ଜଙ୍ଗଲଜାତ ଦ୍ରବ୍ୟକୁ କେଉଁଠାରେ ବିକ୍ରି କରନ୍ତି ?
ସେମନ୍ ବନେ ମିଡ୍‌ତା ଜିନଷ୍ଟୁ କୁନ୍‌ତେଇଁ ବିକ୍‌ତି ?

90. What do you take / keep with you when you go to the forest ?
ତୁମେ ଜଙ୍ଗଲକୁ ଗଲାବେଳେ ସାଥିରେ କ'ଣ ନେଇ ଯାଇଥାଅ ?
ତୁଇଁ ଡଙ୍ଗରେ ଗଲାବେଡ୍ କାଇଁ ଦରିକରି ଯାହାସ୍ ?

91. Which visiting spots are there near your village ?
ତୁମ ଗାଁ ପାଖରେ କେଉଁ କେଉଁ ଦର୍ଶନୀୟ ସ୍ଥାନ ଅଛି ?
ତୁମାର୍ ଗାଉଁ ଲଗେ କାଇଁ କାଇଁ ଦେକ୍‌ତା ଟାଣ୍ ଆବ୍ ?

92. Does any river flow nearby your village ?
ତୁମ ଗାଁ ନିକଟରେ କୌଣସି ନଦୀ ଅଛି କି ?
ତୁମାର ଗାଉଁ ଲଗେ କୁନ୍‌ବା ଗାଡ ଆବ୍ କି ?

93. Did the village worker come to village in last few days ?
ଗତ କିଛିଦିନ ତଳେ ତୁମଗ୍ରାମକୁ ଗ୍ରାମସେବକ ଆସିଥିଲେ କି ?
ଇ କେତିଦିନ ବିତ୍‌ରେ (ତଡେ) ତୁମାର୍ ଗାଏଁ ଗ୍ରାମ୍ ସେବକ୍ ଆସି ରିଲାକି ?

94. What did he say to you ?
ସେ ତୁମ୍ଭମାନଙ୍କୁ କ'ଣ କହିଲେ ?
ସେ ତମ୍‌କେ କାଇଁ ବଲି କଇଁଲା ?

95. What did you present before the B.D.O. ?
ତୁମେ ବି.ଡ଼ି.ଓ.ଙ୍କ ପାଖରେ କେଉଁ କେଉଁ କଥା କହିଲ ?
ତୁମି ବି:ଡ଼ି:ଅ ଲଗେ କାଇଁ କାଇଁ କାତା କଇଲାସ୍ ?

96. Did the B.D.O. give any remarks ?
ବି.ଡ଼ି.ଓ. କିଛି ମନ୍ତବ୍ୟ ଦେଲେ କି ?
ବି:ଡି:ଅ କାଇଁ ବଲି କଇଁଲା ?

97. Is there any hills near your village ?

ତୁମ ଗ୍ରାମ ନିକଟରେ କୌଣସି ପାହାଡ଼ ପର୍ବତ ଅଛି କି ?

ତୁମାର୍ ଗାଉଁଲଗେ କୁନ୍‌ବା ଡ଼ଙ୍ଗର୍ ପାର୍ ଆବ୍ କି ?

98. Do your cultivate on the hill ?

ପାହାଡ଼ ଉପରେ ତୁମେ ଚାଷ କରକି ?

ଡ଼ଙ୍ଗର୍ ଉପ୍‌ରେ ତୁମି କାମାଉଣି କରାସ୍ କି ?

99. Have you collected much sal seed this year ?

ଏବର୍ଷ ଜଙ୍ଗଲରୁ ଶାଳମଞ୍ଜି ଅଧିକ ସଂଗ୍ରହ କରିଛ କି ?

ଏସୁ ବର୍ଷେ ଡ଼ଙ୍ଗରେର୍ ଅଣି ବେଶୀ ସରଗୀମୁଜି ମିଡାଇ ଆଚାସ୍ କି?

100. Have you got any other grant from the government ?

ସରକାରଙ୍କଠାରୁ ଅନ୍ୟ କେଉଁ ଅନୁଦାନ ପାଇଛ କି ?

ସରକାରେର୍ ଟାଣେ ଅଣି ଆରି କୁନ୍‌ବା ସାଇଚ୍ ପାଇଁ ଆଚାସ୍‌କି ?

101. Does everybody know how to make wine ?

ଗ୍ରାମର ପ୍ରତ୍ୟେକ ମଦ ତିଆରି ଜାଣନ୍ତି କି ?

ଗାଉଁ ସବେଲକ୍ ମଦ ରାନ୍ଧୁକ୍ ଜାଣ୍‌ତି କି ?

102. What do the villegers do for better living ?

ଭଲରେ ବଞ୍ଚିବା ପାଇଁ ଗ୍ରାମବାସୀମାନେ କ'ଣ କରନ୍ତି ?

ନିକା କରି ଜିଉଁକ୍ ଗାଏଁର ଲକ୍ କାଇଁ କର୍‌ତି ?

103. Do both male and female hunt forest animals for living ?

ଉଭୟ ମହିଳା ଓ ପୁରୁଷ ବଞ୍ଚିବା ପାଇଁ ବନ୍ୟ ପଶୁ ଶୀକାର କରନ୍ତି କି ?

ଟକି ଲକ୍ ଆରି ଆଣ୍ଡ୍‌ରା ଲକ୍ ଜିଉଁକେ ଯତୁ ବେଟ୍ କରତି କି?

104. What type of crops do they sow in their lands ?

ସେମାନେ କେଉଁ ପ୍ରକାରର ଶସ୍ୟ ସେମାନଙ୍କ ଜମିରେ ବୁଣିଥାନ୍ତି ?

ସେମନ୍ କୁନ୍ ରକମେର୍ ବିଆନ୍ ସେମନାର୍ ବୁଇଁ ଟାଣେ ବୁଣ୍‌ତି ?

105. Besides hunting, what do they do to earn their livelihood ?

ବଞ୍ଚିବା ପାଇଁ ଶୀକାର ବ୍ୟତୀତ ସେମାନେ କ'ଣ କରନ୍ତି ?

ଜିଉଁକେ ବେଟ୍ କରତାର୍ ଚାଡ଼ି ଦିଲେକ୍ ଆରି କାଇଁ କର୍‌ତି ?

106. Do you have a good relationship with your neighbour ?

ତୁମେ ପଡ଼ୋଶୀମାନଙ୍କ ସହିତ ଉତ୍ତମ ସମ୍ବନ୍ଧ ରଖିଛ କି ?

ତୁଇଁ ଲଗେର୍ ଫାକେର୍ ଲକାର୍ ସଙ୍ଗ୍ ନିକା ମିଶାବିଡ଼ା ରକି ଆଚ୍‌ସି କି ?

107. Do you help the neighbours ?

ତୁମେ ପଡ଼ୋଶୀମାନଙ୍କୁ ସାହାଯ୍ୟ କର କି ?

ତୁଇଁ ଲଗେର୍ ଫାକେର୍ ଲକ୍‌କେ ସାଇଜ୍ କର୍‌ସି କି ?

108. Do the neighbours help you ?

ପଡ଼ୋଶୀମାନେ ତୁମକୁ ସାହାଯ୍ୟ କରନ୍ତି କି ?

ଲଗେର୍ ଫାକେର୍ ଲକ୍ ତକେ ସାଇଜ୍ କର୍‌ତି କି ?

109. Is there any restriction for other caste marriage ?

ଅନ୍ୟ ଜାତି ସହ ବିବାହ ପାଇଁ କିଛି କଟକଣା ଅଛି କି ?

ବିନ୍ ଜାତିର ଲକ୍ ସଙ୍ଗେ ବିବା ଅଉଁକ୍ ନୀତି ନିଅମ୍ ଆଚ୍ କି ?

110. What do you do if a girl of your community marries a boy of another caste ?

ଯଦି ଅନ୍ୟ ଜାତିର ପୁଅ ସହିତ ତୁମ ସମ୍ପ୍ରଦାୟର ଝିଅ ବିବାହ କରେ ତୁମେ କ'ଣ କର ?

ଯଦି ବିନ୍ ଜାତିର ପିଲା ସଙ୍ଗ୍ ତୁମାର୍ ଜାତିର୍ ଟକି ବିବା ହଇଲେକ୍ ତୁମି କାଇଁ କରାସ୍ ?

111. How does the marriage take place in your community ?

ତୁମ ଜାତିରେ ବିବାହ କିପରି ହୁଏ ?

ତୁମାର ଜାତି କେନ୍‌କରି ବିବା କର୍‌ତି ?

112. Do all the persons co-operate in collective work ?

ସମୂହ କାର୍ଯ୍ୟରେ ପ୍ରତ୍ୟେକ ବ୍ୟକ୍ତି ସହଯୋଗ କରନ୍ତି କି ?

ମାତାମ୍ କାମ୍ ଟାଣେ ସବୁ ଲକ୍ ବିଡ୍‌ତି କି ?

113. What do you do if a person does wrong ?

କୌଣସି ବ୍ୟକ୍ତି ଖରାପ କାମ କଲେ ତୁମେ କ'ଣ କର ?

କୁନ୍‌ବା ମାନାଇଁ କାରାପ କାମ୍ କଲେକ୍ ତୁମି କାଇଁ କରାସ୍ ?

114. Is there any system of punishment ?

ଦଣ୍ଡ ବିଧାନର କିଛି ବ୍ୟବସ୍ଥା ଅଛି କି ?

ଡଣ୍ଡ୍ ଦେଉଁ କୁନ୍‌ବା ବେବ୍‌ସତା ଆଚ୍ କି ?

115. Is there a good harvest this year ?

ଏବର୍ଷ ଭଲ ଅମଳ ହୋଇଛି କି ?

ଏସୁ ବର୍ଷେ ନିକା ପାଚି ହଇଁ ଆଚ୍‌କି ?

116. Is the paddy cultivation well ?

ଧାନ ଚାଷ ଭଲ ହୋଇଛି କି ?

ଦାନ୍ ପାଚି ନିକା ଅଇଁ ଆଚ୍‌କି ?

117. Which type of animals do you keep in your house ?

ତୁମେ କେଉଁ ପ୍ରକାରର ପଶୁ ତୁମ ଘରେ ରଖିଛ ?

ତୁମି କୁନ୍ ରକମେର୍ ପଶୁ ତୁମାର୍ ଗରେ ସଙ୍ଗାଇ ଆଚାସ୍ ?

118. How many bullocks and cows have you ?

ତୁମର କେତୋଟି ବଳଦ ଓ ଗାଈ ଅଛନ୍ତି ?

ତୁମାର୍ କେତିଗଟ୍ ବଇଲ୍ ଆରି ଗାଇ୍ ଆଚ୍‌ତି ?

119. Why do you keep other birds and animlas in your house ?

ତୁମେ ଅନ୍ୟ ପଶୁପକ୍ଷୀଙ୍କୁ ଘରେ କାହିଁକି ରଖିଛ ?

ତୁମି ଅଇନ୍ ପଶୁଚେଡେ ଗରେ କାଇଁ ତାକ୍ ସଙ୍ଗାଓ୍ୱାସ୍ ?

120. Do you have cowshed ?

ତୁମର ଗୁହାଳ ଅଛି କି ?

ତୁମାର ଶାଡ୍ (ଶାଲ୍) ଆଚ୍କି ?

121. Have you received any seeds free of cost from the Block ?

ତୁମେ ବ୍ଲକ୍‌ରୁ କିଛି ବିହନ ମାଗଣାରେ ପାଇଛ କି ?

ତୁମି ବିଲାକେର୍‌ଅଣି କତେକ୍‌ବା ବିଆନ୍ ଢକେସେ ପାଇଁ ଆଚାସ୍ କି?

122. Have govt. provided you any agricultural implements ?

ତୁମକୁ ସରକାର କିଛି କୃଷି ଯନ୍ତ୍ରପାତି ଯୋଗାଇଛନ୍ତି କି ?

ତମ୍‌କେ ସର୍‌କାର୍ କେତେକ୍ ବା ତାସ୍ କରଣ ସାମାନ୍ ଦେଇ ଆଚ୍‌ତିକି ?

123. Have you got any other facilities from the government ?

ତୁମେ ସରକାରଙ୍କଠାରୁ ଆଉ କିଛିସୁବିଧା ସୁଯୋଗ ପାଇଛ କି ?

ତୁମି ସରକାର୍ ଟାଣେ ଅଣି ଆରି କାଇଁବା ସୁବିଦା ପାଇଁ ଆଚାସ୍ କି ?

124. What do you use for cutting the paddy ?

ତୁମେ ଧାନ କାଟିବାରେ କ'ଣ ବ୍ୟବହାର କର ?

ତୁମି ଦାନ୍ କାଟୁକ୍ କାଇଁ ସଙ୍ଗେ କାଟାସ୍ ?

125. What kind of hunting implements do you use during hunting ?

ତୁମେ ଶୀକାର ବେଳେ କେଉଁ କେଉଁ ଶୀକାର ସାମଗ୍ରୀ ବ୍ୟବହାର କର ?

ତୁମି ବେଟ୍ ଗଲା ବଡ୍ କାଇଁ କାଇଁ ହତିଆର୍ ଦରିରିଆସ୍ ?

126. Do you know how to dance, sing and play a musical instrument?

ତୁମେ ନାଚିବା, ଗାଇବା ଓ ବାଜା ବଜାଇବା ଜାଣ କି ?

ତୁଇଁ ନାଚୁକ୍, ଗୀତ୍ ଗାଉଁକ୍ ଆରି ବାଜା ବାଜାଉଁକ୍ ଜାଣ୍ସି କି?

127. What type of musical instrument do you use while dancing?

ତୁମେ ନୃତ୍ୟ ବେଳେ କି କି ପ୍ରକାର ବାଦ୍ୟଯନ୍ତ୍ର ବ୍ୟବହାରକର ?

ତୁଇଁ ନାଚ୍ତା ବଡ୍ କାଇଁ କାଇଁ ବାଜାମନ୍ ବାଜାଓ୍ବାସ୍ ?

128. Do the females wear ornaments?

ମହିଳାମାନେ ଗହଣା ପିନ୍ଧନ୍ତି କି ?

ଟକିଲକ୍ ମାଡ଼ି, ମୁର୍ମା ଖାଡୁ ପିନ୍ଦ୍ତି କି ?

129. By which your house is roofed?

ତୁମର ଘର କେଉଁଥିରେ ଛପର ?

ତୁମାର୍ ଗର୍ କାଇଁ ଚାଇ ଆଚାସ୍ ?

130. Do you feel severe cold here in winter?

ଶୀତ ଋତୁରେ ତୁମେ ଏଠାରେ ପ୍ରବଳ ଥଣ୍ଡା ଅନୁଭବ କର କି ?

ଶୀତ୍ ମାସେ ତୁମାର୍ ଏଟିଇଁ ଅପ୍ରାବତ୍ ଶୀତ ଅଏଦ୍ କି ?

131. When do the villagers meet together?

କେତେବେଳେ ଗ୍ରାମବାସୀମାନେ ଏକତ୍ର ଭେଟ ହୁଅନ୍ତି ?

କେଦ୍ ବେଦ୍ ଗାଏଁର ଲକ୍ ଗଟେ ଟାଣେ ବେଟ୍ ଅତି ?

132. Do the villagers eat together during special occasions?

ଗ୍ରାମବାସୀମାନେ ପର୍ବପର୍ବାଣୀରେ ଏକତ୍ର ଭୋଜନ କରିଥାନ୍ତି କି ?

ଗାଏଁର୍ ଲକ୍ ହରବ୍ ପୁନି ଦିନ୍ ଗଟେକ୍ ଟାଣେ କାଟି ଖାତି କି ?

133. Do you attend special programmes arranged by the government ?

ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତୁମେ ଯୋଗ ଦିଅ କି ?

ସରକାର୍ ତିଆର କଲାର୍ ସ୍ୱତନ୍ତ୍ର କାରଇ୍ କରମ୍ ଟାଣେ ତୁଇ ବିଦ୍‌ସି କି ?

134. What do you want for the development of agriculture ?

କୃଷି ଅଭିବୃଦ୍ଧି ପାଇଁ ତୁମେ କ'ଣ ଚାହଁ ?

ତାସ୍ ବାଡାଉଁକ୍ /ତାସ୍ ଅଦିକ୍ ଅଉଁକେ ତୁମି କାଇଁ କଲେକ୍ ଅଏଦ୍ ବଲି ବିଚାର୍ କରୁଲାସ୍ ?

135. How many males are there in your family ?

ତୁମ ପରିବାରରେ କେତେଜଣ ପୁରୁଷ ଅଛନ୍ତି ?

ତୁମାର୍ ଗରେ ଆଣ୍ଡ୍‌ରା ଲକ୍ କେତି ଲକ୍ ଆଚ୍‌ତି ?

136. How many females are there in your family ?

ତୁମ ପରିବାରରେ କେତେଜଣ ମହିଳା ଅଛନ୍ତି ?

ତୁମାର୍ ଗରେ ଟକି ଲକ୍ କେତି ଲକ୍ ଆଚ୍‌ତି ?

137. What is your son doing ?

ତୁମର ପୁଅ କ'ଣ କରୁଛି ?

ତର୍ ପ' କାଇଁ କରୁଲା ?

138. Why did your son discontinue his study ?

ତୁମର ପୁଅ କାହିଁକି ପଢ଼ିଲା ନାହିଁ ?

ତର୍ ପ' କାଇଁ ତାକ୍ ପାଟ୍ ନ ପଢ଼ଲା ?

139. Is your son capable enough to work now ?

ବର୍ତ୍ତମାନ ତୁମ ପୁଅ କାମ କରିବାକୁ ସମର୍ଥ କି ?

ଆବେ ତର୍ ପଇସି କାମ୍ କରୁ ପାରେ କି ?

140. What do you think for the future of your children ?

ତୁମ ପିଲାମାନଙ୍କ ଭବିଷ୍ୟତ ପାଇଁ ତୁମେ କ'ଣ ଚିନ୍ତା କରିଛ ?

ତର୍ ପିଲାଟକି ମନ୍‌କର୍ ବବିଷଦ୍ ପାଇଁ କାଇଁ ଚିନ୍‌ତା କରି ଆଚ୍‌ସି ?

141. What is your daughter doing ?

ତୁମ ଝିଅ କ'ଣ କରୁଛି ?

ତର୍ ଝି (ଟକି) କାଇଁ କରୁଲି ?

142. Is your daughter going to school ?

ତୁମ ଝିଅ ସ୍କୁଲକୁ ଯାଉଛି କି ?

ତର୍ ଟକି ଇସ୍‌କୁଲ୍ ଜାଉଁଲି କି ?

143. What class is she in ?

ସେ କେଉଁ ଶ୍ରେଣୀରେ ପଢୁଛି ?

ସେ କୁନ୍ କିଲାସେ୍ ପଢୁଲି ?

144. What does she do at home ?

ସେ ଘରେ କି କି କାମ କରେ ?

ସେ ଗରେ୍ କାଇଁ କାଇଁ କାମ୍ କରେଦ୍ ?

145. Does she help her mother in home work ?

ସେ ମା'ଙ୍କୁ ଘର କାମରେ ସାହାଯ୍ୟ କରେ କି ?

ସେ ଆଇସିକେ ଗରେର୍ କାମ୍ ଟାଣେ ସାଇଜ୍ କରେଦ୍ କି ?

146. Is there any communication facility to your village ?

ତୁମ ଗାଁ ପାଇଁ ଗମନାଗମନର ସୁବିଧା ଅଛି କି ?

ତୁମାର୍ ଗାଏଁ ଯାଉଁକେ ଆସୁକେ ସୁବିଧା ଆଚ୍ କି ?

147. How the villagers earn their livelihood ?

ଗ୍ରାମବାସୀମାନେ କିଭଳି ଭାବରେ ଚଳିଥାନ୍ତି ?

ଗାଏଁର ଲକ୍‌ମନ୍ କୁନ୍ ରକୁମ୍ ଚଲୁଲାଇଁ ?

148. Do they hunt only animals ?

ସେମାନେ କେବଳ ପଶୁ ଶୀକାର କରନ୍ତି କି ?

ସେମନ୍ ଅବ୍‌କା ପଶୁ ଆକା ବେଟ୍ କର୍‌ତି କି ?

149. Why do they hunt the animals ?

ସେମାନେ ପଶୁ ଶୀକାର କାହିଁକି କରନ୍ତି ?

ସେମନ୍ କାଇଁତାକେ ପଶୁ ମାର୍‌ତି ?

150. Do the villagers worship Gods & Goddesses ?

ଗ୍ରାମବାସୀମାନେ ଦେବାଦେବୀଙ୍କୁ ପୂଜା କରନ୍ତି କି ?

ଗାଉଁର ଲକ୍‌ମନ୍ ଦେବୀ ଦେବ୍‌ତାକେ ପୂଜା କର୍‌ତି କି ?

151. What the name of the diety they worship ?

ସେମାନେ ପୂଜା କରୁଥିବା ଦେବତାଙ୍କ ନାମ କ'ଣ ?

ସେମନ୍ ପୂଜା କର୍‌ତେ ରେତା ଦେବ୍‌ତାର୍ ନାଉଁ କାଇଁ ?

152. What is the name of the hill near your village ?

ତୁମ ଗାଁ ପାଖରେ ଥିବା ପାହାଡ଼ର ନାମ କ'ଣ ?

ତୁମାର୍ ଗାଉଁ ଲଗେ ରିଲା ଡଙ୍ଗରେର୍ ନାଉଁ କାଇଁ ?

153. What type of cultivation do you practice on the hill ?

ତୁମେ ପାହାଡ଼ ଉପରେ କ'ଣ ଚାଷ କର ?

ତୁମି ଡଙ୍ଗର୍ ଉଫ୍‌ରେ କାଇଁ ଚାସ୍ କରାସ୍ ?

154. Is there terrace land on the hill ?

ପାହାଡ଼ ଉପରେ ଥାକ ଥାକ କରି ଜମି ଅଛି କି ?

ଡ଼ଙ୍ଗୁର୍ ଉଫ୍‌ରେ ପାଉବ୍ ପାଉବ୍ ବୁଇଁ ଆଦ୍‌କି ?

155. What do you harvest ?

ତୁମେ କ'ଣ ଅମଳ କର ?

ତୁମି କାଇଁ ପାକାଓ୍ୱାସ୍ ?

156. Which crops have you harvest much ?

ତୁମେ କେଉଁ ଶସ୍ୟ ବେଶୀ ଅମଳ କର ?

ତୁମି କାଇଁ ତାସ୍ ବେଶୀ ପାକାଓ୍ୱାସ୍ ?

157. Where do you cultivate ?

ତୁମେ କେଉଁ ସ୍ଥାନ ମାନଙ୍କରେ ଚାଷ କର ?

ତୁମି କେନ୍‌କା ଟାଣେ ତାସ୍ କରାସ୍ ?

158. When do you harvest ?

ତୁମେ କେଉଁ ସମୟରେ ଅମଳ କରିଥାଅ ?

ତୁମି କୁନ୍ ବେଡ଼ାଇ ପାକାଓ୍ୱାସ୍ ?

159. When do you start your cultivation ?

ତୁମେ କେଉଁ ସମୟରେ ଚାଷ କାମ ଆରମ୍ଭ କର ?

ତୁମି କୁନ୍ ସମ ତାସ୍ କାମ୍ ଆରାମ୍ କରାସ୍ ? ?

160. Do you have a good harvest this year ?

ତୁମର ଏହି ବର୍ଷ ଭଲ ଅମଳ ହୋଇଛି କି ?

ତର୍ ଏସୁ ବର୍ଷେ ନିକା ପାଚି ହଇଁ ଆତ୍ କି ?

161. Do the people practice only shifting cultivation ?

ଲୋକମାନେ କେବଳ ପୋଡୁଚାଷ କରନ୍ତି କି ?

ଇକ୍ ମନ୍ ଅବ୍‌କା ମାଡ଼ା ତାସ୍ କର୍‌ତି କି ?

162. Is there any water supply facility for cultivation ?

ଚାଷ ପାଇଁ ଜଳ ଯୋଗାଣର ସୁବିଧା ଅଛି କି ?

ତାସ୍ କରୁକ୍ ପାଣି ତାପାଉତାର୍-ସୁବିଦା ଆତ୍‌କି ?

163. How can you get much harvest from land ?

ତୁମେ କିଭଳି ଭାବରେ ଜମିରୁ ଅଧିକ ଅମଳ ପାଇ ପାରିବ ?

ତୁମି କୁନ୍ ରକମ୍ ବୁଇଁ ଟାନେ ଅଦିକ୍ ପାଚି ପାଉଁ ପାରାସ୍ ?

164. What is name of the nearest market ?

ଗାଁ ପାଖ ହାଟର ନାମ କ'ଣ ?

ତୁମାର୍ ଗାଉଁ ଲଗେର୍ ହାଟର୍ ନାଉଁ କାଇଁ ?

165. What are the name of the markets ?

ହାଟ ଗୁଡ଼ିକର ନାମ କ'ଣ ?

ହାଟ୍ ମନ୍‌କର୍ ନାଉଁ କାଇଁ ?

166. In which day this market sits ?

କେଉଁ ବାରରେ ଏହି ହାଟଟି ବସେ ?

କୁନ୍ ବାର୍ ଦିନ୍ ଏ ହାଟ୍ ବସେଦ୍ / ବସୁଲି ?

167. How far is the market from your village ?

ତୁମ ଗ୍ରାମରୁ ହାଟର ଦୂରତା କେତେ ?

ତୁମାର୍ ଗାଏଁ ହଣି ହାଟ୍ କତି ଦୂର୍ ?

168. Do you visit the nearest market ?

ତୁମେ ପାଖ ହାଟକୁ ଯାଅ କି ?

ତୁଇଁ ଲଗାର୍ ହାଟେ୍ ଯାସି କି ?

169. Why do you visit the market ?

ତୁମେ ହାଟକୁ କାହିଁକି ଯାଅ ?

ତୁଇଁ ହାଟ୍‌କେ (ହାଟେ) କାଇଁ ତାକ୍ ଯାସି ?

170. What kinds of goods are sold largely in the market ?

ହାଟରେ ସବୁଠାରୁ କେଉଁ ଜିନିଷ ଅଧିକ ବିକ୍ରି ହୁଏ ।

ହାଟେ ସବାର୍ ଟାଣେର୍ ଅଣି କୁନ୍ ଜିନଷୁ ଅଦିକ୍ ଭିକ୍ରି ଅଇଦେ / ଦ୍ ?

171. What type of goods are sold in the market ?

ହାଟରେ କେଉଁ କେଉଁ ଜିନିଷ ବିକ୍ରି ହୁଏ ?

ହାଟେ କାଇଁ କାଇଁ ଜିନ୍‌ଷୁ ଭିକ୍ରି ଅଇଦେ ?

172. What do you buy from the market ?

ତୁମେ ହାଟରୁ କ'ଣ କିଣ ?

ତୁମି ହାଟେର୍ ଅଣି କାଇଁ ଗେଣାସ୍ ?

173. Does everybody visit to the market ?

ପ୍ରତ୍ୟେକ ଲୋକ ହାଟକୁ ଯାଆନ୍ତି କି ?

ସବେ ଲକ୍ ହାଟେ ଯାତି କି ?

174. Does everybody go to the market only to visit it ?

ପ୍ରତ୍ୟେକ ଲୋକ ହାଟକୁ ବୁଲିବାକୁ ଯାଆନ୍ତି କି ?

ସବେ ଲକ୍ ହାଟେ ବୁଲୁ ଯାତି କି ?

175. Do you observe different festivals in a year ?

ବର୍ଷକରେ ତୁମେ ବିଭିନ୍ନ ପର୍ବପର୍ବାଣୀ ପାଳନ କର କି ?

ବରଷ୍ ବିତ୍‌ରେ ତୁମି ବିନ୍ନ ବିନ୍ନ ହରବ୍ ପୁନି ମାନାସ୍ କି ?

176. When do you observe crop cutting festival ?

ତୁମେ କେଉଁ ସମୟରେ ଧାନକଟା ପର୍ବ ପାଳନ କର ?

ତୁମି କୁନ୍ ସମ ଦାନ୍‌କାଟା ହରବ୍ ମାନାସ୍ ?

177. Whom do you worship in that festival ?

ସେହି ପର୍ବରେ ତୁମେ କାହାକୁ ପୂଜା କର ?

ସେ ହର୍‌ବେ ତୁମି କାକ୍ ପୂଜା କରାସ୍ ?

178. Why do you worship that diety/Goddess ?

ତୁମେ କାହିଁକି ସେହି ଦେବତାଙ୍କୁ ପୂଜା କର ?

ତୁମି କାଇତାକ୍ ସେ ଦେବ୍‌ତାକ୍ ପୂଜା କରାସ୍ ?

179. How do you worship the diety in this festival ?

ତୁମେ ଏହି ପର୍ବରେ ଦେବଦେବୀଙ୍କୁ କିପରି ପୂଜାକର ?

ତୁମି ଇ ହର୍‌ବେ ସେ ଦେବ୍‌ତାକ୍ କେନ୍ କରି ପୂଜା କରାସ୍ ?

180. Who worships the diety in this festival?

ଏହି ପର୍ବରେ କିଏ ପୂଜା କରନ୍ତି ?

ଇ ହର୍‌ବେ କେ ପୂଜା କର୍‌ତି ?

181. What do you call to the village priest?

ତୁମେ ପୂଜକଙ୍କୁ କ'ଣ ଡାକ ?

ତୁମି ପୂଜା କର୍‌ତା ମାନଇକେ କାଇଁ ବଲି ଡ଼ାକାସ୍ ?

182. Is there any dance programme in this festival?

ଏହି ପର୍ବରେ କୌଣସି ନୃତ୍ୟ ପରିବେଷଣର କାର୍ଯ୍ୟକ୍ରମ ଥାଏ କି ?

ଇ ହର୍‌ବେ କୁନ୍ ବା ନାଟ୍ କରତାର୍ ନିଅମ ଆଚ୍‌କି ?

183. Do both the male and female dance together?

ଉଭୟ ପୁରୁଷ ଓ ମହିଳା ଏକତ୍ର ନୃତ୍ୟ କରିଥାଆନ୍ତି କି ?

ଆଣ୍ଡ୍‌ରାଲକ୍ ଆରି ଟକି ଲକ୍ ଗଟେକ୍ ତିଇଁ ନାଚ୍ କର୍‌ତି କି?

184. Do the people eat together after the dance?

ନୃତ୍ୟ ଶେଷରେ ସମସ୍ତଲୋକ ଏକାଠି ଭୋଜନ କରିଥାଆନ୍ତି କି ?

ନାଚୁକ୍ ସର୍‌ଲେକ୍ ସବେ ଲକ୍ ଗଟେକ୍ ତିଇଁ ଖାତି କି ?

185. What items are cooked in that feast?

ସେହି ଭୋଜିରେ କ'ଣ କ'ଣ ରନ୍ଧା ଯାଇଥାଏ ?

ସେ ବଜି ଟାଣ କାଇଁକାଇଁ ରାନ୍ଦିରେତି ?

186. Is animal sacrified in this festival?

ଏହି ପର୍ବରେ ପଶୁବଳୀ ଦିଆଯାଏ କି ?

ଇ ହର୍‌ବେ ଗରୁ ଗାଇ ଛେଡି ମେଣ୍ଢା ପୂଜା କରତି କି ?

187. What animal is sacrificed in this festival?

ଏହି ପର୍ବରେ କେଉଁ ପଶୁକୁ ବଳୀ ଦିଆଯାଏ ?

ଇ ହର୍‌ବେ କାଇଁ ପଶୁ ପୂଜା କରତି ?

188. Have any developmental works undertaken in your village ?

ତୁମ ଗ୍ରାମରେ କିଛି ଉନ୍ନୟନ ମୂଳକ କାର୍ଯ୍ୟ ହୋଇଛି କି ?

ତୁମାର୍ ଗାଏଁ କାଇଁବା ଉନ୍ତି କାର୍ତା କାମ୍ ହଇଁ ଆଚ୍ କି ?

189. Is there any facility of drinking water in your village?

ତୁମ ଗ୍ରାମ ପାଇଁ ପିଇବା ପାଣିର ସୁବିଧା ଅଛି କି ?

ତୁମାର୍ ଗାଏଁ କାତା ପାଣିର୍ ସୁବିଦା ଆଚ୍ କି ?

190. Are the village roads narrow ?

ଗ୍ରାମର ରାସ୍ତାଗୁଡ଼ିକ ଅଣଓସାରିଆ କି ?

ଗାଉଁର୍ ବାଟ୍‌ମନ୍ ସାକଡ୍ କି ?

191. How far is the Gram Panchayat from your village ?

ତୁମ ଗ୍ରାମଠାରୁ ପଞ୍ଚାୟତର ଦୂରତା କେତେ ?

ତୁମାର୍ ଗାଏଁ ହଣି ପଞ୍ଚାଇଦ୍ କେତି ଦୂର ?

192. Does the Gram Panchayat help the people ?

ଗ୍ରାମ ପଞ୍ଚାୟତ ଲୋକଙ୍କୁ ସାହାଯ୍ୟ କରେ କି ?

ଗାଉଁ ପଞ୍ଚାଦି ଲକ୍‌କେ ସାଇଜ୍ କରୁଲି କି ?

193. Which type of help it provides to the people ?

କେଉଁ ପ୍ରକାର ସାହାଯ୍ୟ ଏହା ଲୋକମାନିଙ୍କୁ ଯୋଗାଇଥାଏ ?

କୁନ୍ ରକୁମେର୍ ସାଇଜ୍ ଲକ୍‌ମନ୍‌କେ କେରୁଲା ?

194. Does the Sarapanch listen to the people ?

ସରପଞ୍ଚ ଲୋକମାନଙ୍କର କଥା ଶୁଣନ୍ତି କି ?

ସର୍‌ପଚ୍ ଲକ୍‌ମନାର୍ କାତା ଶୁଣେଦ୍ କି ?

195. Does the Sarapanch come to your village ?

ତୁମ ଗ୍ରାମକୁ ସରପଞ୍ଚ ଆସନ୍ତି କି ?

ତୁମାର୍ ଗାଏଁ ସର୍‌ପଚ୍ (ସର୍‌ପଞ୍ଚ) ଆସେଦ୍ କି ?

196. Which developmental work the Gram Panchayat has undertaken ?

ଗ୍ରାମ ପଞ୍ଚାୟତ କେଉଁ ଉନ୍ନତି ମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି ?

ଗାରାମ୍ ପଞ୍ଚାଦି କୁନ୍ ଉନ୍ନତି କାମ୍ କରୁକ୍ ବସିଆଡ୍ ?

197. Is there any electric facility for your village ?

ତୁମ ଗ୍ରାମ ପାଇଁ ବିଦ୍ୟୁତର ସୁବିଧା ଅଛି କି ?

ତୁମାର ଗାଏଁ କାରେଣ୍ଟ୍ ସୁବିଦା ଆତ୍ କି ?

198. If not, have government given any words for electrification ?

ଯଦି ନୁହେଁ, ବିଦ୍ୟୁତ ଯୋଗାଣ ପାଇଁ ସରକାର କିଛି ପ୍ରତିଶ୍ରୁତି ଦେଇଛନ୍ତି କି ?

ଯଦି ନାଇଁ, କାରେଣ୍ଟ୍ ଦେଉନ୍ ବଲି ସରକାର୍ କଇଁ ଆତ୍‌ତି କି ?

199. Where do you bring water ?

ତୁମେ କେଉଁଠାରୁ ପାଣି ଆଣ ?

ତୁମି କୁନ୍‌ତେଇଁର୍ ଫାଣି ଆଣାସ୍ ?

200. Where do you bring in summer ?

ତୁମେ ଗ୍ରୀଷ୍ମଦିନେ କେଉଁଠାରୁ ପାଣି ଆଣ ?

ତୁମି ଜେଟ୍‌ବଢ୍ କୁନ୍ ତେଇଁର୍ ପାଣି ଆଣାସ୍ ?

201. Do you feel scares of water in summer ?

ତୁମେ ଗ୍ରୀଷ୍ମଦିନେ ଜଳର ଅଭାବ ଅନୁଭବ କର କି ?

ତୁମି ଜେଟ୍ ବେଢ୍ ପାଣି/ଫାଣି ନେକେଟୁଲି ବଲି ବାବୁଲାସ୍ କି?

202. Do all enjoy good health ?

ସମସ୍ତଙ୍କ ସ୍ୱାସ୍ଥ୍ୟ ଭଲ ଅଛି କି ?

ସର୍ବେଲକ୍ ନିକାସେ ଆଚ୍‌ତିକି /ଆତ୍‌ତିକି ?

203. Do you feel decrease of your health ?

ତୁମ ସ୍ୱାସ୍ଥ୍ୟରେ ଅବନତି ଘଟିଛି କି ?

ତର୍ ଗା-ଗାଡ଼୍ ବିତ୍‌ରେ ସୁସ୍‌ତା ନାଇଁ କି ?

204. What are causes of decrease of health ?

ସ୍ୱାସ୍ଥ୍ୟ ହାନୀର କାରଣ କ'ଣ ?

କାଇଁତାକ୍ ସୁସ୍‌ତା ନାଇଁ ?

205. What type of diseases are breaking out in your village ?

ତୁମ ଗ୍ରାମରେ କେଉଁ କେଉଁ ରୋଗ ବ୍ୟାପିଛି ?

ତୁମାର୍ ଗାଏଁ କାଇଁ କାଇଁ ରଗ୍ ଅଇଁ ଆଚ୍ ?

206. What do you do when you suffer from disease ?

ରୋଗ ହେଲେ ତୁମେ କ'ଣ କର ?

ରଗ୍ ହଇଲେକ / ଅଇଲେକ୍ କାଇଁ କରାସ୍ ?

207. How far is the hospital from your village ?

ତୁମ ଗ୍ରାମଠାରୁ ଡାକ୍ତରଖାନା କେତେ ଦୂର ?

ତୁମାର୍ ଗାଏଁର୍ ଅଣି ହାସ୍‌ପିଟାଲ୍ / ମେଣ୍ଡିକାଲ୍ କତି ଦୂର୍ ?

208. Do the doctors visit your village ?

ଡାକ୍ତରମାନେ ତୁମ ଗ୍ରାମକୁ ପରିଦର୍ଶନରେ ଆସନ୍ତି କି ?

ଡ଼ାକ୍‌ତର୍‌ମନ୍ ତୁମାର୍ ଗାଏଁ ବୁଲୁ ଆସ୍‌ତି କି ନାଇଁ ?

209. Do they provide you medicines free of cost ?

ସେମାନେ ତୁମକୁ ମାଗଣାରେ ଔଷଧ ଯୋଗାଇ ଦିଅନ୍ତି କି ?

ସେ ଲକ୍ /ସେମନ୍ ତମକେ ଇଦ୍‌ରେ ଅସ୍ ଦେତି କି ?

210. Do you have faith on elopathic medicine ?

ଡାକ୍ତରୀ ଔଷଧ ଉପରେ ତୁମର ବିଶ୍ୱାସ ଅଛି କି ?

ଡ଼ାକ୍‌ତର୍ ଅସ୍ ଉପ୍‌ରେ ତୁମାର୍ ବିସାସ୍ ଆଚ୍ କି ?

211. Have you much faith on herbal medicine ?

ଆୟୁର୍ବେଦିକ ଔଷଧ ଉପରେ ତୁମର ଅଧିକ ବିଶ୍ୱାସ ଅଛି କି ?

ଚେର୍ ମୁଲି ଅସ୍ ଉପ୍‌ରେ ତୁମାର୍ ଅଦିକ୍ ବିସାସ୍ ଆଚ୍ କି ?

212. Do you recover fastly by taking herbal medicine ?

ଆୟୁର୍ବେଦିକ ଔଷଧ ବ୍ୟବହାର ଦ୍ୱାରା ତୁମେ ଶୀଘ୍ର ଆରୋଗ୍ୟ ହୁଅ କି ?

ଚେର୍ ମୁଲି ଅସ୍ କାଇଲେକ୍ ତୁମି ଦାଫେ ନିକା ଉଆସ୍ କି ?

213. Where do you collect the herbal medicine ?

ତୁମେ ଆୟୁର୍ବେଦିକ ଔଷଧ କେଉଁଠାରୁ ସଂଗ୍ରହ କର ?

ତୁମି ଚେର୍ ମୁଲି ଅସ୍ କୁନ୍ ଠାଣେର୍ ଅଣି ଆଣାସ୍ ?

214. Do you collect all the herbal medicines from the forest ?

ପ୍ରତ୍ୟେକ ଆୟୁର୍ବେଦିକ ଔଷଧ ତୁମେ ଜଙ୍ଗଲରୁ ସଂଗ୍ରହ କରକି ?

ସବ୍ ଚେର୍ ମୁଲି ଅସ୍ ତୁମି ବନ୍ ବିତ୍‌ରେ ଅଣି ଆଣାସ୍ କି ?

215. Do you know anything about the origin of your community ?

ତୁମ ସଂପ୍ରଦାୟର ସୃଷ୍ଟି ବିଷୟରେ ତୁମେ କିଛି ଜାଣ କି ?

ତୁମାର୍ ଜାତି ଫୁର୍‌ବେ କୁନ୍ ରକୁମ୍ ଜନମ୍‌ଲା ଜାଣାସ୍ କି ?

216. Have you a good relation with other communities ?

ତୁମର ଅନ୍ୟ ସଂପ୍ରଦାୟ ସହିତ ଉତ୍ତମ ସମ୍ବନ୍ଧ ଅଛି କି ?

ତୁମାର୍ ଆରିବିନ୍ ଜାତିର୍ ଲକ୍ ସଙ୍ଗେ ମିଶାବିଡ଼ା ଆଚ୍ କି ?

217. How does marriage occurs in your community ?

ତୁମ ସଂପ୍ରଦାୟରେ ବିବାହ କିପରି ହୁଏ ?

ତୁମାର୍ ଜାତିଇଁ କେନ୍ କରି ବିବା କେରତି ?

218. Is your pecuniary / financial condition well ?

ତୁମର ଆର୍ଥିକ ପରିସ୍ଥିତି ଭଲ ଅଛି କି ?

ତୁମାର ଡାବୁକାସୁ କାତା ନିକାସେ କି ?

219. How will be your financial condition well ?

କିଭଳି ଭାବରେ ତୁମର ଆର୍ଥିକ ପରିସ୍ଥିତି ଭଲ ରହିବ ?

କେନ୍ କଲେକ୍ ତୁମାର ଡ଼ାବୁକାସୁ କାତା ନିକା ରେଏଦ୍ ?

220. What can make your living style better ?

କ'ଣ କଲେ ତୁମର ଚଳଣୀ ଭଲ ହୋଇପାରିବ ?

କାଇଁ କଲେକ୍ ତୁମାର୍ ଚଲ୍‌ନି ନିକା ଅଉପାରେ ?

221. What can be done to sort out your problems ?

ତୁମର ଅସୁବିଧା ସୁଧାରିବା ପାଇଁ କ'ଣ କରାଯାଇପାରେ ?

ତୁମାର୍ ଅସୁବିଦା ନିକା କରୁକ୍ କାଇଁ କଲେକ୍ ଅଇଦେ ?

222. Who are more manivolent / harmful to you ?

କେଉଁମାନେ ତୁମର ବେଶୀ କ୍ଷତିକାରକ ?

କୁନ୍ ଲକ୍ ତୁମାର ବେଶୀ କେତି କର୍‌ତି ?

223. What injuries they cause to you ?

ସେମାନେ ତୁମର କ'ଣ କ୍ଷତି କରୁଛନ୍ତି ?

ସେମନ୍ ତୁମାର୍ କାଇଁ କେତି କେରୁଲାଇ ?

224. What do you think to revenge / retaliate ?

ତୁମେ କିଭଳି ପ୍ରତିଶୋଧ ନେବ ବୋଲି ଭାବୁଛ ?

ତୁମି କୁନ୍ ରକୁମ୍ ସାଦୁକ୍ ବାବି ଆଚାସ୍ ?

225. Who do love / like you much ?

କେଉଁମାନେ ତୁମକୁ ବେଶୀ ଭଲ ପାଆନ୍ତି ?

କେ, କେ ତକେ ବେଶୀ ବଲ୍ ପାଉତି / ବାବ୍‌ତି ?

226. Why do they love you very much ?

ସେମାନେ ତୁମକୁ କାହିଁକି ବେଶୀ ଭଲ ପାଆନ୍ତି ?

ସେମନ୍ କାଇଁ ତାକ୍ ତକେ ବେଶୀ ନିକା ବାବ୍‌ତି ?

227. Do you love them / each other ?

ତୁମେ ସେମାନଙ୍କୁ ଭଲ ପାଅ କି ?

ତୁଇଁ ସେମନ୍‌କେ ବଲ୍ / ନିକା ବାବ୍‌ସି କି ?

228. Do not you like them very much ?

ତୁମେ ସେମାନଙ୍କୁ ବେଶୀ ଭଲ ପାଅ ନାହିଁ କି ?

ତୁଇଁ ସେମନ୍‌କେ ବେଶୀ ନିକା ବାବ୍‌ସି ନାଇଁ କି ?

229. Do they visit you seldom ?

ସମୟେ ସମୟେ ସେମାନେ ତୁମ ନିକଟକୁ ଆସନ୍ତି କି ?

ସମ୍-ସମ୍‌କେ ସେମନ୍ ତରଟାଣ୍ ଆସ୍‌ତି କି ?

230. Do they ask you personally ?

ସେମାନେ ତୁମକୁ ବ୍ୟକ୍ତିଗତଭାବେ ପଚାରନ୍ତି କି ?

ସେମନ୍ ତକେ ଆଫ୍‌ଣା ଆସି ଫଚାର୍‌ତି କି ?

231. Who are exploiting you ?

କେଉଁମାନେ ତୁମକୁ ଶୋଷଣ କରୁଛନ୍ତି ?

କୁନ୍‌ମାନାଇଁମନ୍ ତମ୍‌କେ ଟକୁଲାଇଁ ?

232. Why are they exploiting you ?

ସେମାନେ କାହିଁକି ତୁମକୁ ଶୋଷଣ କରୁଛନ୍ତି ?

ସେମନ୍ କାଇତାକ୍ ତମ୍‌କେ ଟକୁଲାଇଁ ?

233. How do they exploit you ?

କିଭଳି ଭାବରେ ସେମାନେ ତୁମକୁ ଶୋଷଣ କରୁଛନ୍ତି ?

କୁନ୍ ରକୁମ୍ ସେମନ୍ ତମ୍‌କେ ଟକୁଲାଇଁ ?

234. What are the media they follow to exploit you ?
ସେମାନେ ତୁମକୁ ଶୋଷଣ କରିବାରେ କି ପ୍ରକାର ମାଧ୍ୟମ ଗ୍ରହଣ କରିଛନ୍ତି ?
ସେମନ୍ ତମ୍‌କେ ଟକୁକ୍ କୁନ୍ ରକୁମ୍ ଉଫାଇ କେରୁଲାଇଁ ?

235. What do you think to make yourselves free from exploitation ?
ତୁମେ କିଭଳି ଭାବରେ ଶୋଷଣମୁକ୍ତ ହୋଇପାରିବ ବୋଲି ଚିନ୍ତା କରୁଛ ?
ତୁମି କୁନ୍ ରକୁମ୍ କଲେକ୍ ଏ ଟକା ଟକି ହଉ / ଅଉ ନଫାରେ ବଲି ଚିନ୍ତା କେରୁଲାସ୍ ?

236. Have you ever struggled against the exploitors ?
ତୁମେ ଶୋଷଣକାରୀଙ୍କ ବିରୁଦ୍ଧରେ କେବେ ସଂଗ୍ରାମ କରିଛ କି ?
ତୁମି ଏ ଟକ୍‌ତା ଲକ୍‌କେ ବିରଦ୍ କରି ଛାଟ୍-ଟି ଲାଗି ଆଚାସ୍ କି ?

237. Whom do you consider as a big officer ?
ତୁମେ କାହାକୁ ବଡ଼ ଅଫିସର / କର୍ମଚାରୀ ବୋଲି ଭାବୁଛ ?
ତୁମି କାକେ ବଡ଼ ଆପିସର୍ / ବଡ଼ ଲକ୍ ବଲି ବାବୁଲାସ୍ ?

238. Have you ever got a chance to see the big officer ?
ତୁମେ ସେହି ବଡ଼ ଅଫିସରଙ୍କୁ କେବେ ଦେଖିବାର ସୁଯୋଗ ପାଇଛ କି ?
ତୁମି ସେ ବଡ଼୍ ଆପିସର୍ କେ ଦେକୁକ୍ ସୁବିଦା ପାଇଁ ଆଚାସ୍ କି ?

239. Does that big officer listen / understand your problems / sorrow ?
ସେହି ବଡ଼ ଅଫିସର ତୁମମାନଙ୍କର ଦୁଃଖ ବୁଝନ୍ତି କି ?
ସେ ବଡ ଆପିସର୍ ତମ୍‌ମନ୍‌କର୍ ଦୁକ୍ ବୁଝେଦ୍ କି ?

240. Does he attain you in time of need / sorrow ?
ଦୁଃଖ ସମୟରେ ସେ ତୁମ ନିକଟରେ ଆସି ପହଞ୍ଚନ୍ତି କି ?
ଦୁକ୍ ପଦ୍‌ଲା ବଦ୍ ସେ ତୁମାର୍ ଲଗେ ଆସି କେଟେଦ୍ କି ?

241. Can he tolerate your sorrows ?

ସେ ତୁମର ଦୁଃଖ ସହ୍ୟ କରିପାରନ୍ତି କି ?

ସେ ତୁମାର୍ ଦୁକ୍ ସଇ ପାରେଦ୍ କି ?

242. To which Govt. officer do you like / love most ?

ତୁମେ କେଉଁ ସରକାରୀ କର୍ମଚାରୀଙ୍କୁ ଅଧିକ ଭଲ ପାଅ ?

ତୁମି କୁନ୍ ସର୍କାରୀ ବାବୁକେ ଆନାଇ ନିକା ବଲୁଲାସ୍ ?

243. Why do you like that officer very much ?

ତୁମେ ସେହି ସରକାରୀ କର୍ମଚାରୀଙ୍କୁ କାହିଁକି ବେଶୀ ଭଲ ପାଅ ?

ତୁମି ସେ ସର୍କାରୀ ବାବୁକେ କାଇଁତାକ୍ ଆନାଇ ନିକା ବଲୁଲାସ୍ ?

244. Whom do you fear much ?

ତୁମେ କାହାକୁ ବେଶୀ ଡରିଥାଅ ?

ତୁମି କାକ୍ ବେଶୀ ଡ଼ରାସ୍ ?

245. Why are you afraid of them ?

ତୁମେ କାହିଁକି ସେମାନଙ୍କୁ ଡରିଥାଅ ?

ତୁମି କାଇଁ ତାକ୍ ସେମନ୍‌କେ ଡରାସ୍ ?

246. Are you afraid of the Police officer ?

ତୁମେ ପୋଲିସ୍ କର୍ମଚାରୀଙ୍କୁ ଡ଼ର କି ?

ତୁମି ଏ ପୁଲିସ୍‌କେ ଡ଼ରାସ୍ କି ?

247. Why are you afraid of the Police officer ?

ତୁମେ କାହିଁକି ପୋଲିସ୍ କର୍ମଚାରୀଙ୍କୁ ଭୟ କର ?

ତୁମି କାଇଁତାକ୍ ପୁଲିସ୍ ଲକ୍‌କେ ଡ଼ରାସ୍ ?

248. How far is the Police Station from your village ?

ତୁମ ଗ୍ରାମଠାରୁ ଥାନା କେତେ ଦୂର ?

ତୁମାର୍ ଗାଏଁ ଅଣି ପୁଲିସ୍ ଟାନା କେତିଦୂର ?

249. Has the Police officer ever come to your village ?

ପୋଲିସ୍ ଅଫିସର ତୁମ ଗ୍ରାମକୁ କେବେ ଆସିଛନ୍ତି କି ?

ପଲିସ୍ / ପୁଲିସ୍ ବାବୁ ତୁମାର ଗାଏଁ କବ୍‌ବା ଆସି ଆଚ୍‌କି ?

250. Have you ever seen the policemen ?

ତୁମେ ପୋଲିସ ମାନଙ୍କୁ କେବେ ଦେଖିଛ କି ?

ତୁମି ପୁଲିସ୍‌ମନ୍‌କେ କବ୍‌ବେ ଦେକି ଆଚାସ୍ କି ?

251. Is there any school in your village ?

ତୁମ ଗ୍ରାମରେ ବିଦ୍ୟାଳୟ ଅଛି କି ?

ତୁମାର୍ ଗାଏଁ ଇସ୍‌କୁଲ୍ ଆଚ୍ କି ?

252. How far is the school from your village ?

ତୁମ ଗ୍ରାମଠାରୁ କେତେ ଦୂରରେ ବିଦ୍ୟାଳୟ ଅଛି ?

ତୁମାର୍ ଗାଉଁ ଟାଣେର୍ ଅଣି କେତିଦୂର ଇସ୍‌କୁଲ୍ ଆଚ୍ ?

253. Is there any Sevasram Schoiol in your village or near your village ?

ତୁମ ଗ୍ରାମରେ / ଗ୍ରାମ ନିକଟରେ ସେବାଶ୍ରମ ଅଛି କି ?

ତୁମାର ଗାଏଁ / ଗାଉଁ ପାକେ ଆଶ୍ରାମ୍ ଆଚ୍ କି ?

254. How far is the Sevasram from your village ?

ତୁମ ଗ୍ରାମଠାରୁ ସେବାଶ୍ରମ କେତେ ଦୂର ?

ତୁମାର୍ ଗାଉଁ ଟାଣେର୍ ଅଣି ଆଶ୍ରାମ୍ କେତି ଦୂର୍ ?

255. What is the name of that Sevasram ?

ସେହି ସେବାଶ୍ରମର ନାମ କ'ଣ ?

ସେ ଆଶ୍ରାମର୍ ନାଉଁ କାଇଁ ?

256. Are the children going to Sevasram School ?

ପିଲାମାନେ ସେବାଶ୍ରମ ବିଦ୍ୟାଳୟକୁ ଯାଉଛନ୍ତି କି ?

ହିଲାମନ୍ ଆଶ୍ରାମ୍ ଇସକୁଲେ ଯାଉଁ ଲାଇଁ କି ?

257. Are the children going to school regularly ?

ପିଲାମାନେ ନିୟମିତ ବିଦ୍ୟାଳୟକୁ ଯାଉଛନ୍ତି କି ?

ପିଲାମନ୍ ସବୁଦିନ୍ ଦିନାରେ ଇସକୁଲ୍ ଯାଉଁ ଲାଗିଁ କି ?

258. Whether the children reading attentively ?

ପିଲାମାନେ ମନଦେଇ ପଢୁଛନ୍ତି କି ?

ହିଲାମନ୍ ନିକାକେରି ଫଡୁଲାଗିଁ କି ?

259. Are the teachers coming to school regularly ?

ଶିକ୍ଷକମାନେ ନିୟମିତ ବିଦ୍ୟାଳୟକୁ ଆସୁଛନ୍ତି କି ?

ମାସ୍ଟର୍‌ମନ୍ ଦିନାରେ ଇସ୍‌କୁଲ୍ ଆସୁଲାଗିଁ କି ?

260. Are they teaching well or not ?

ସେମାନେ ଠିକ୍ ଭାବରେ ପାଠ ପଢ଼ାଉଛନ୍ତି କି ନାହିଁ ?

ସେ ମନ୍ ନିକାକେରି ଫାଠ୍ ଫଡ଼ାଉଁ ଲାଗିଁ କି ନାଗିଁ ?

261. Is there any other Asbram School ?

ଆଉ ଅନ୍ୟ କୌଣସି ଆଶ୍ରମ ବିଦ୍ୟାଳୟ ଅଛି କି ?

ଆରି କୁନ୍‌ବା ଆଶ୍ରାମ୍ ଇସ୍‌କୁଲ୍ ଆବ୍ କି ?

262. How far is the Ashram School from the village ?

ଆଶ୍ରମ ବିଦ୍ୟାଳୟ ଗ୍ରାମଠାରୁ କେତେ ଦୂର ?

ଆଶ୍ରାମ୍ ଇସ୍‌କୁଲ୍ ଗାଏଁର ଅଣି କେତି ଦୂର୍ ?

263. Is the school providing text books to the children ?

ବିଦ୍ୟାଳୟ ପିଲାମାନଙ୍କୁ ପାଠ୍ୟପୁସ୍ତକ ଯୋଗାଉଛି କି ?

ଇସ୍‌କୁଲେ ହିଲାମନ୍‌କେ ପୁସ୍‌ତକ୍‌ମନ୍ ଦେଉଁଲାଗିଁ କି ?

264. Is there provision of mid-day meal for the children or not ?

ସେମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଅଛି କି ନାହିଁ ?

ସେମନ୍‌କେ ମେ-ଦ୍‌ନିଆ କାଉକ୍ ବେବ୍‌ସ୍ତା ଆବ୍‌କି ନାଗିଁ ?

265. Are the tribal children provided with dresses ?
ଆଦିବାସୀ ପିଲାମାନଙ୍କୁ ପୋଷାକପତ୍ର ଯୋଗାଇ ଦିଆଯାଉଛି କି ?
ଆଦିବାସୀ ହିଲାମନ୍‌କେ କଟ୍ କାମିଜ୍ ଦେଉଲାଇଁ କି ?

266. Is there any Govt. School here ?
ଏଠାରେ କୌଣସି ସରକାରୀ ବିଦ୍ୟାଳୟ ଅଛି କି ?
ଇଟାଣେ କୁନ୍‌ବା ସରକାର୍ ଇସ୍‌କୁଲ୍ ଆଚ୍ କି ?

267. How far is the Govt. School from the village ?
ସରକାରୀ ବିଦ୍ୟାଳୟଟି ଗ୍ରାମଠାରୁ କେତେ ଦୂର ?
ସରକାର୍ ଇସ୍‌କୁଲ୍ ଗାଉଁ ଲଗେର୍ ଅଣି କତି/ଦୂର ?

268. Do you know how many teachers are there ?
ତୁମେ ଜାଣକି ସେଠାରେ କେତେ ଜଣ ଶିକ୍ଷକ ଅଛନ୍ତି ?
ସିତି କେତି ଗଟ୍ ମାସ୍ଟର୍ ଆଚ୍‌ତି ତୁମି ଜାଣାସ୍ କି ?

269. Is there any non-formal education institution in your locality ?
ତୁମ ଅଞ୍ଚଳରେ ଅଣଆନୁଷ୍ଠାନିକ ଶିକ୍ଷାନୁଷ୍ଠାନ ଅଛି କି ?
ତୁମାର୍ ଅଞ୍ଚଲ୍ ବିତ୍‌ରେ ଇଁ ଅନ୍ ଆନୁଷ୍ଠାନିକ୍ ଇସ୍‌କୁଲ୍ ବଲତାର୍ ଆଚେ କି ?

270. If yes, how far is it from the village ?
ଯଦି ହଁ, ତେବେ ଗ୍ରାମଠାରୁ ଏହା କେତେ ଦୂର ?
ଯଦି ହାଁ, ତବେ ଇଟା ଗାଉଁ ଟାଣେର୍ ଅଣି କେତି ଦୂର୍ ?

271. Is non-formal education running well ?
ଅଣଆନୁଷ୍ଠାନିକ ଶିକ୍ଷା ଭଲ ଚାଲିଛି କି ?
ଅନ୍ ଆନୁଷ୍ଠିନ୍ ଶିକିଆ ବଲତାର୍ ନିକାସେ୍ ଚାଲିଆବ୍ କି ?

272. Is there any adult education centre ?
ସେଠାରେ ପ୍ରୌଢ଼ ଶିକ୍ଷାକେନ୍ଦ୍ର ଅଛି କି ?
ସିତି ରାତିଆ ପାଟ୍ ପଢ଼୍‌ତା କେନ୍ଦର୍ ଆଚ୍‌କି ?

273. Are the adults going to the centre ?

ପ୍ରୌଢ଼ମାନେ ସେହି କେନ୍ଦ୍ରକୁ ଯାଉଛନ୍ତି କି ?

ବୁଡ୍‌ଢ଼ା ଫର୍ ଲକ୍ ସେ କେନ୍ଦେରେ ଯାଉଁ ଲାଇଁକି ?

274. Is there District Primary Education Programme School in your locality ?

ସେଠାରେ ଜିଲ୍ଲା ପ୍ରାଥମିକ ଶିକ୍ଷା ଯୋଜନା ବିଦ୍ୟାଳୟ ଅଛି କି ?

ସେତି ଜିଲ୍ଲା ପ୍ରାତ୍‌ମିକ୍ ଶିକିଆ ଜଇ୍‌ନା ଇସ୍‌କୁଲ ଆବ୍‌କି ?

275. How far is it from the village ?

ଏହା ଗ୍ରାମଠାରୁ କେତେ ଦୂର ?

ଏଟା ଗାଉଁଟାଣେ ଅଣି କତି ଦୂର୍ ?

276. Is there any residential school here ?

ଏଠାରେ କୌଣସି ଆବାସିକ ବିଦ୍ୟାଳୟ ଅଛି କି ?

ଇଟାଣେ କୁନ୍‌ବା ଅଷ୍ଟେଲ୍ ରେତା ଇସ୍‌କୁଲ୍ ଆବ୍ କି ?

277. Do you pay more importance / attention on boys' education ?

ପୁଅମାନଙ୍କ ଶିକ୍ଷା ପାଇଁ ତୁମେ ଅଧିକ ଗୁରୁତ୍ୱ ଦେଉଛ କି ?

ଆଣ୍ଡ୍‌ରାପିଲାମନ୍‌କେ ଫାଟ୍ ଫଡ଼ାଉଁକ୍ ତୁମି ଅଦିକ୍ ମନ୍ କେରୁଲାସ୍ କି ?

278. Why do you pay more attention for them ?

ତୁମେ କାହିଁକି ସେମାନଙ୍କ ପାଇଁ ଅଧିକ ଗୁରୁତ୍ୱ ଦେଉଛ ?

ତୁମି ସେମନ୍‌କାର ଅଣି କାଇଁତାକ୍ ଅଦିକ୍ ମନ୍ ଦେଉଁଲାସ୍ କି?

279. Do you pay more importance / attention on girls' education ?

ଝିଅମାନଙ୍କ ଶିକ୍ଷା ପାଇଁ ତୁମେ ଅଧିକ ଗୁରୁତ୍ୱ ଦେଉଛ କି ?

ଟକିମନ୍‌କେ ଫାଟ୍ ଫଡ଼ାଉଁକ୍ ଅଦିକ୍ ମନ କେରୁଲାସ କି ?

280. If not, why are not you paying more importance / attention ?

ଯଦି ନୁହେଁ, ତେବେ ତୁମେ କାହିଁକି ଅଧିକ ଗୁରୁତ୍ୱ ଦେଉନାହଁ ?

ଯଦି ନାଇଁ, ତବେ ତୁମି କାଇଁତାକ୍ ଅଦିକ୍ ମନ୍ ଦିଆସ୍ ନାଇଁ ?

281. Are the children going to school regularly ?

ପିଲାମାନେ ନିୟମିତ ବିଦ୍ୟାଳୟକୁ ଯାଉନାହାନ୍ତି କି ?

ହିଲାମନ୍ ଦିନ୍ନାରେ ଇସ୍କୁଲ୍ ଯାତି ନାଇଁ କି ?

282. Why not the children going to school ?

କାହିଁକି ପିଲାମାନେ ବିଦ୍ୟାଳୟକୁ ଯାଉନାହାନ୍ତି ?

କାଇଁତାକ୍ ହିଲାମନ୍ ଇସ୍କୁଲ୍ ଯାତି ନାଇଁ ?

283. Is not the teaching satisfactory for the children ?

ବିଦ୍ୟାଳୟରେ ପିଲାମାନଙ୍କ ପାଇଁ ଶିକ୍ଷାଦାନ ସନ୍ତୋଷଜନକ ହେଉନାହିଁ କି ?

ଇସ୍କୁଲେ ହିଲାମନ୍‌କର ଫାଇଁ ଫାଟ୍ ଫଢ଼ାଉଁତାର୍ ମନ୍‌କେ ଯଉଲି ନାଇଁ କି ?

284. Is there any mistake behind teaching ?

ଶିକ୍ଷାଦାନ ପଛରେ ଅନ୍ୟ କୌଣସି ତ୍ରୁଟି ରହୁଛି କି ?

ଫାଟ୍ ଫଢ଼ାଉତା ଟାଣେ କୁନ୍‌ବା ବୁଲ୍ ରେଇଯାଇଁ ଆବ୍ କି ?

285. Is not the method of teaching easy for the children ?

ପିଲାମାନଙ୍କ ପାଇଁ ଶିକ୍ଷାଦାନ ପ୍ରଣାଳୀ ସହଜ ହେଉନାହିଁ ?

ହିଲାମନ୍‌କେ ଫାଟ୍ ଫଢ଼ାଉତାର୍ ନିକା ନଉଲି କି ?

286. Don't the children follow the method of teaching ?

ପିଲାମାନେ ଶିକ୍ଷାଦାନ ଶୈଳୀକୁ ବୁଝିପାରୁନାହାନ୍ତି କି ?

ହିଲାମନ୍ ଫାଟ୍ ଫଢ଼ାଉତାର୍ ବୁଝି ନଫାରୁଲାଇଁ କି ?

287. Is the teaching language difficult to understand ?

ଶିକ୍ଷାଦାନର ଭାଷା ବୁଝିବା ପାଇଁ କଷ୍ଟ ହେଉଛି କି ?

ଫାଟ୍ ଫଡ଼ାଉତା ବାଷା ବୁଜୁକ୍ ହାବୁଦ୍ ଅଉଲି କି ?

288. What methods can be adopted for better teaching ?

ଭଲ ପାଠପଢ଼ା ପାଇଁ କି ପ୍ରକାର ପଦ୍ଧତି ଅବଲମ୍ବନ କରିବାକୁ ପଡ଼ିବ ?

ନିକାକେରି ଫାଟ୍ ଫଡ଼ାଉକ୍ କୁନ୍ ରକୁମ୍ ଉପାଇ କରୁକ୍ ପଡେଦ୍ ?

289. What is to be done for absent students ?

ଅନୁପସ୍ଥିତ ପିଲାଙ୍କ ପାଇଁ କ'ଣ କରିବାକୁ ପଡ଼ିବ ?

ନେ ଆସ୍‌ନା ହିଲାମନ୍‌କେ କାଇଁ କରୁକ୍ ପଡେଦ୍ ?

290. What steps have the Govt. taken in this regard ?

ଏ ଦିଗରେ ସରକାର କେଉଁ ପ୍ରକାର ପଦକ୍ଷେପ ନେଉଛନ୍ତି ?

ଏ ବିଷଇ ସର୍‌କାର୍ କୁନ୍ ରକୁମ୍ ବେବସ୍ତା କେରୁଲାଇଁ ?

291. Are there any Self Help Groups working in your locality ?

ତୁମ ଅଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟ କରୁଛନ୍ତି କି ?

ତୁମାର୍ ଅଞ୍ଚଲ୍ ବିତ୍‌ରେ ସ୍ୱୟଂ ସଆୟକ୍ ଦଲ କାମ୍ କେରୁଲି କି ?

292. How many Self Help Groups are there ?

କେତୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି ?

କେତିଗଟ୍ ସ୍ୱୟଂ ସଆୟକ୍ ଦଲ୍ ଆଚ୍ ?

293. What is the role of Self Help Groups ?

ସେହି ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା କ'ଣ ?

ସେଇ ସଆୟକ ଦଲ୍ କାଇଁ କେର୍‌ତି ?

294. Which works have they carried out in your area ?

କେଉଁ କେଉଁ କାର୍ଯ୍ୟ ସେମାନେ ତୁମ ଅଞ୍ଚଳରେ କରିଛନ୍ତି ?

କୁନ୍ କୁନ୍ କାମ୍ ସେମନ୍ ତୁମାର୍ ଅଞ୍ଚଲ୍ ବିତ୍‌ର କେରି ଆଚତି ?

295. Which new projects they have undertaken ?

କେଉଁ ନୂତନ ଯୋଜନାମାନ ସେମାନେ ନିଜ ହାତକୁ ନେଇଛନ୍ତି ?

କୁନ୍ ନୁଆଁ ଜଇ୍ନା ସେମନ୍ ଆପଣା କରୁବ୍ ନେଇ ଆତ-ତି ?

296. Which new programmes to carry out they have decided ?

ଆଉ କେଉଁ ନୂତନ କାର୍ଯ୍ୟକ୍ରମ କରିବେ ବୋଲି ସେମାନେ ସ୍ଥିର କରିଛନ୍ତି ?

ଆରି କୁନ୍ ନୁଆଁ କାମ୍ କରୁନ୍ଦ୍ ବଲି ସେମନ୍ ଟିକ୍ କରି ଆତ୍-ତି ?

297. What work can make you satisfy / please ?

କେଉଁ କାର୍ଯ୍ୟକ୍ରମ କରିଲେ ତୁମେ ଖୁସି ହେବ ?

କୁନ୍ କାମ କଲେକ ତୁମି ସାରଦା ଉଆସ୍ ?

298. Do you think which programme can satisfy you more ?

କେଉଁ କାର୍ଯ୍ୟକ୍ରମ ତୁମକୁ ଅଧିକ ଖୁସି ପ୍ରଦାନ କରିବା ବୋଲି ତୁମେ- ଭାବୁଛ ?

କୁନ୍ କାମ ତମ୍‌କେ ଆନାଇ ସାର୍‌ଦା ଲାଗେଦ୍ ବଲି ବାବୁଲାସ୍ ?

299. What will happen if the women take part in different developmental activities ?

ଯଦି ସ୍ତ୍ରୀ ଲୋକମାନେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଯୋଗ ଦିଅନ୍ତି କ'ଣ ହେବ ?

ଯଦି ଟକି ଲକ୍‌ମନ୍ ବିନ୍‌ବିନ୍ ଉନତି କାମ ଟାଣେ ମନ୍ ବିତ୍‌ତି କି ?

300. Will there be any problem behind it ?

ଏହା ପଛରେ କିଛି ଅସୁବିଧା ପରିଲକ୍ଷିତ ହେବ କି ?

ଏତିଇଁ ପାଚେ କୁନ୍‌ବା ଅସୁବିଦା ଅଇଲାପର୍ ଡ଼ିସୁଲି କି ?

301. What is the name of the greatest festival ?

ସବୁଠାରୁ ବଡ଼ ପର୍ବର ନାମ କ'ଣ ?

ସବୁଟାଣେର୍ ଅଣି ବଡ୍ ହରବ୍ କୁନ୍‌ଟା ?

302. Do you know the names of the twelve months ?

ତୁମେ ବାର ମାସର ନାମ ଜାଣ କି ?

ତୁଇଁ ବାର୍ ମାସେର୍ ନାଉଁ ଜାଣ୍‌ସି କି ?

303. Do you know the names of the festivals according to the months ?

ତୁମେ ମାସ ଅନୁସାରେ ପର୍ବପର୍ବାଣୀର ନାମ ଜାଣ କି ?

ତୁମି କୁନ୍ ମାସେ କୁନ୍ ହରବ୍ ପୁଦି କରୁଲାସ୍ (ମାନୁଲାସ୍) ଜାଣ୍‌ସି କି ?

304. Which festival do you observe in summer ?

ତୁମେ ଗ୍ରୀଷ୍ମଋତୁରେ କେଉଁ ପର୍ବପର୍ବାଣୀ ପାଳନ କର ?

ତୁମି ଜେଟ୍ ବଡ କାଇଁ ହରବ୍ ମାନାସ୍ ?

305. Which festival do you observe in winter ?

ତୁମେ ଶୀତ ଋତୁରେ କେଉଁ କେଉଁ ପର୍ବ ପାଳନ କର ?

ତୁମି ଶୀତ୍ ମାସେ୍ କାଇଁ କାଇଁ ହରବ୍ କରାସ୍ ?

306. Which festival do you observe in rainy season ?

ବର୍ଷା ଋତୁରେ ତୁମେମାନେ କେଉଁ ପର୍ବପର୍ବାଣୀ ପାଳନ କର ?

ବର୍ଷା ବଡ୍ (ବରଷା ମାସେ) କାଇଁ ହରବ୍ ମାନାସ୍ / କରାସ୍ ?

307. In which month do you start sowing seeds ?

କେଉଁ ମାସରେ ତୁମେ ଶସ୍ୟ ବୁଣିବା କାର୍ଯ୍ୟ ଆରମ୍ଭ କର ?

କୁନ୍ ମାସେ ତୁମି ତାସ୍ ବୁଣୁବ୍ ଆରାମ୍ କରାସ୍ ?

308. In which month does the marriage occurs ?

କେଉଁ ମାସରେ ବିବାହ ହୋଇଥାଏ ?

କୁନ୍ ମାସେ ବିବା କରାସ୍ ? /କୁନ୍ ମାସେ କନିଆଁ ଆଣାସ୍ ?

309. In which festival do you worship your ancestors ?

କେଉଁ ପର୍ବପର୍ବାଣୀରେ ତୁମେ ପୂର୍ବପୁରୁଷଙ୍କୁ ଆରାଧନା କର ?

କୁନ୍ ହର୍‌ବେ ତୁମାର୍ ମଲାଗାଲା ଦାଦା, ବଡୁକେ ପୂଜା ଦିଆସ୍ ?

310. Do you know the seven days of the week ?

ତୁମେ ସପ୍ତାହର ସାତ ଦିନର ନାମ ଜାଣ କି ?

ତୁଇ ହପ୍‌ତାର ସାତ ବାରର୍ ନାଉଁ ଜାଣ୍‌ସି କି ?

311. When does dance take place in your village ?

କେଉଁ ସମୟରେ ତୁମ ଗାଁରେ ନାଚ ହୁଏ ?

କେନ୍‌କା ସମ ତୁମାର୍ ଗାଁଏଁ ନାଚ୍ କେର୍‌ତି ?

312. When do the people better food ?

କେଉଁ ସମୟରେ ଲୋକେ ଭଲ ଖିଆପିଆ କରନ୍ତି ?

କୁନ୍ ସମ ଲକ୍‌ମନ୍ ନିକା / ବଲ କେରି ଖାତି ?

313. When do you feel much difficult ?

ତୁମେ କେତେବେଳେ ବେଶୀ କଷ୍ଟ ଅନୁଭବ କର ?

ତମ୍‌କେ କେଡ୍‌ବେଡ୍ ବେଶୀ କଷ୍ଟ୍ / ହାବୁଡ୍ ଲାଗେଦ୍ ?

314. Which is the most wanted period ?

କେଉଁ ସମୟଟି ବିଶେଷତଃ ଅଭାବ ସମୟ ?

କୁନ୍ ସମବେଶୀ ଅବାବ / ଅସୁବିଧା ସମ ?

315. Why scarce occur in those days ?

ସେହି ସମୟରେ ବେଶୀ ଅଭାବ କାହିଁକି ହୋଇଥାଏ ?

ସେ ସମ କାଇଁତାକ୍ ବେଶୀ ଅବାବ୍ ଅଇଦେ ?

316. How does the forest help us ?

ଜଙ୍ଗଲ ଆମକୁ କେଉଁ ପ୍ରକାର ସାହାଯ୍ୟ କରିଥାଏ ?

ବନ୍ / ଡଙ୍ଗର୍ ଆମ୍‌କେ କୁନ୍ ରକୁମ୍ ସାଇଜ୍ କେରୁଲି ?

317. Why is the quantity of the forest decreasing day-by-day ?
ଜଙ୍ଗଲ ପରିମାଣ ଆସ୍ତେ ଆସ୍ତେ କାହିଁକି କମିବାରେ ଲାଗିଛି ?
ବନ୍ କାଇଁତାକ୍ ଦିରେଦିରେ ଉଣା ଅତେ ଯାଉଁଲି ?

318. What should be done for afforestation ?
ପୁନର୍ବାର ଜଙ୍ଗଲ ସୃଷ୍ଟି ପାଇଁ କ'ଣ କରିବା ଦରକାର ?
ଆର୍ ଉଦେକ୍ ବନ୍ ବାଡ଼ାଉଁକ୍ କାଇଁ କଲେକ୍ ଅଇଦେ ?

319. Do you feel that you are the child of the nature or not ?
ତୁମେ ପ୍ରକୃତିର ସନ୍ତାନ ବୋଲି ଭାବୁଛ ନା ନାହିଁ ?
ତୁମି ଏ ଦରତି ମାଁର ପିଲା ବଲି ବାବୁଲାସ୍ କି ନାଇଁ ?

320. Have you deep faith upon the ancestors ?
ତୁମେ ପୂର୍ବପୁରୁଷଙ୍କ ଉପରେ ଦୃଢ଼ ବିଶ୍ୱାସ କର କି ?
ତୁଇଁ / ତୁମି ଫୂର୍ବେର୍ ଲକ୍‌ମନ୍‌କର୍ ଉପ୍‌ରେ ବିଶାସ୍ କରାସ୍ କି ?

321. Do you think that the ancestors help you in danger ?
ବିପଦ ସମୟରେ ପୂର୍ବପୁରୁଷମାନେ ତୁମକୁ ସାହାଯ୍ୟ କରନ୍ତି ବୋଲି ଭାବୁଛ କି ?
ବିପ୍‌ତି ସମ ତୁମାର୍ ଫୂର୍‌ବେର୍ ଆନି-ଦାଦି, ତମକେ ସାଇଜ୍ କରତି ବଲି ବାବୁଲାସ୍ କି ?

322. Do the ancestors get satisfaction in your worship ?
ପୂର୍ବପୁରୁଷମାନେ ତୁମ ପୂଜାରେ ସନ୍ତୋଷ ଲାଭ କରନ୍ତି କି ?
ଫୂରବେର୍ ଆନି-ଦାଦି, ନାନା, ତୁମି କଲା ହୁଜାକେ ଶାନ୍ତି ହତି କି ?

323. Do you observe death anniversaries of your ancestors ?
ତୁମେ ପୂର୍ବପୁରୁଷମାନଙ୍କ ଶ୍ରାଦ୍ଧ ଦିବସ ପାଳନ କର କି ?
ତୁମାର୍ ଫୂର୍‌ବେର୍ ଲକ୍‌ମନ୍ନାର ବୁଡ଼୍ କରାସ୍ କି ?

324. How do you worship them death anniversaries ?

ଶ୍ରାଦ୍ଧ ଦିବସରେ ତୁମେ କିପରି ପୂଜା କର ?

ବୁଦ୍‌ ଦିନେ ତୁମି କେନ୍‌ କରି ହୁଜା / ପୂଜା କରାସ୍‌ ?

325. Which God and Goddess are benevolent to you ?

କେଉଁ ଦେବାଦେବୀ ତୁମର ଉପକାର କରିଥାନ୍ତି ?

କୁନ୍‌ ଦେବୀ ଦେବ୍‌ତା ତୁମାର୍‌ ଉଫ୍‌କାର୍‌ କେର୍‌ତି ?

326. Which God and Goddess are monivolent to you ?

କେଉଁ ଦେବାଦେବୀ ତୁମର ଅପକାର କରିଥାନ୍ତି ?

କୁନ୍‌ ଦେବୀ ଦେବ୍‌ତା ତୁମାର୍‌ ନଷ୍ଟ୍‌ କେର୍‌ତି ?

327. Do you believe in sorcery ?

ତୁମେ ଗୁଣୀଗାରେଡ଼ି ଉପରେ ବିଶ୍ୱାସ କର କି ?

ତୁମି ଦିଶାରୀ - ଗୁନିଆଁ ଉଫ୍‌ରେ ବିଶାସ୍‌ କରାସ୍‌ କି ?

328. What kind of idea do you have on sorcerer ?

ଗୁଣୀଗାରେଡ଼ି କରୁଥିବା ଲୋକମାନଙ୍କ ଉପରେ ତୁମର କି ପ୍ରକାର ଧାରଣା ଥାଏ ?

ଦିଶାରୀ - ଗୁନିଆଁ କର୍‌ତେରେତା ଲକ୍‌ ମନାର ଉଫ୍‌ରେ ତୁମାର କୁନ୍‌ ରକମେର୍‌ ବିସାସ୍‌ ଆବ୍‌ ?

329. Do the sorcerers help others ?

ଗୁଣୀଗାରେଡ଼ି କରୁଥିବା ଲୋକମାନେ ଅନ୍ୟର ଉପକାର କରନ୍ତି କି ?

ଦିଶାରୀ / ଗୁନିଆଁ କର୍‌ତେରେତା ଲକ୍‌ମନ୍‌ ଅଇନ୍‌ ଲକାର୍‌ ଉଫ୍‌କାର୍‌ କେର୍‌ତି କି ?

330. Do the sorcesers show miracles ?

ଗୁଣୀଗାରେଡ଼ି କରୁଥିବା ଲୋକମାନେ ଅଲୌକିକ କାର୍ଯ୍ୟ ଦେଖାନ୍ତି କି ?

ଦିଶାରୀ / ଗୁନିଆଁ କର୍‌ତେରେତା ଲକ୍‌ମନ୍‌ ନଅତାଟାମନ୍‌ କେରି ଦେକାଉତି କି ?

331. Do they cause harm to the people ?
ସେମାନେ ଲୋକମାନଙ୍କର ଅପକାର କରିଥାନ୍ତି କି ?
ସେମନ୍ ଲକ୍‌ମନ୍‌କର୍ ନଷ୍ଟି ପଷ୍ଟି କର୍‌ତି କି ?

332. Do they frighten the people ?
ଲୋକମାନଙ୍କୁ ସେମାନେ ଭୟ ଦେଖାଇଥାନ୍ତି କି ?
ଲକ୍‌ମନ୍‌କେ ସେମନ୍ ଡ଼ରାଉତି କି ?

333. Do you think that sorcerers are "goodmen" ?
ଗୁଣୀଗାରେଡ଼ି କରୁଥିବା ଲୋକମାନଙ୍କୁ ତୁମେ ଭଲଲୋକ ବୋଲି ଭାବୁଛ କି ?
ଦିଶାରୀ/ଗୁନିଆଁ କର୍‌ତେରେତା ଲକ୍‌ମନ୍‌କେ ତୁମି ବଲ୍/ନିକା ଲକ୍ ବଲି ବାବୁଲାସ୍ କି ?

334. Do you know the name of different kinds of food ?
ତୁମେ ବିଭିନ୍ନ ପ୍ରକାର ଖାଦ୍ୟର ନାମ ଜାଣ କି ?
ତୁଇ ବିନ୍ ବିନ୍ ରକମେର କାତା/ଖାତା ଜିନ୍‌ସୁର୍ ନାଉଁ ଜାଣ୍‌ସି କି ?

335. Do you the names of different types of drinks ?
ତୁମେ ବିଭିନ୍ନ ପ୍ରକାର ପାନୀୟର ନାମ ଜାଣ କି ?
ତୁଇ ବିନ୍ ବିନ୍ ରକମେର୍ ପାନିଆଁ ଜିନ୍‌ସୁର ନାଉଁ ଜାଣସି କି ?

336. How do you prepare wine ?
ତୁମେ କିପରି ମଦ ତିଆରି କର ?
ତୁମି କୁନ୍ ରକମ୍ ମଦ୍ ରାନ୍ଧାସ୍ / ତିଆର୍ କରାସ୍ ?

337. How do you prepare beer ?
ତୁମେ କିପରି ହାଣ୍ଡିଆ ପ୍ରସ୍ତୁତ କର ?
ତୁମି କୁନ୍ ରକୁମ୍ ଫେଣ୍ଡମ୍, ଲାନ୍ଦା ତିଆର କରାସ୍ ?

338. What are the objects you use for cooking ?
ତୁମେ ରୋଷେଇ ପାଇଁ କି କି ଉପକରଣ ବ୍ୟବହାର କର ?
ତୁମି ରାନ୍ଧୁକ୍ କାଇଁ କାଇଁ ସଙ୍ଗ ରାନ୍ଦାସ୍ ?

339. Which utensils do you use in taking meals ?

ତୁମେ ଖାଦ୍ୟ ଖାଇବା ପାଇଁ କେଉଁ ପାତ୍ର ବ୍ୟବହାର କର ?

ତୁମି ଖାଦି କାଉଁକ୍ କାଇଁଟାଣେ କାହାସ୍ ?

340. What do you use for cooking wine ?

ତୁମେ ମଦ ରାନ୍ଧିବା ପାଇଁ କ'ଣ ବ୍ୟବହାର କର ?

ତୁମି ମଦ୍ ରାନ୍ଧୁକ୍ କାଇଁ ସଙ୍ଗ୍ ରାନ୍ଧାସ୍ ?

341. What do you use for fishing ?

ତୁମେ ମାଛ ଧରିବା ପାଇଁ କ'ଣ ବ୍ୟବହାର କର ?

ତୁମି କାଇଁ ସଙ୍ଗ୍ ମାଚ୍ ଦରାସ୍ ?

342. Do females like to wear ornaments ?

ମହିଳାମାନେ ଅଳଙ୍କାର ପରିଧାନ କରିବାକୁ ଭଲ ପାଆନ୍ତି କି ?

ଟକିଲକ୍ ସୁନା, ରୁପା ଜିନସୁ ପିନ୍ଧୁକ୍ ମନ୍ କର୍‌ତି କି ?

343. What types of ornaments do they wear ?

ସେମାନେ କେଉଁ କେଉଁ ଅଳଙ୍କାର ପିନ୍ଧିଥାନ୍ତି ?

ସେମନ୍ କାଇଁ କାଇଁ ସୁନା, ରୁପା ଜିନ୍‌ସୁ ପିନ୍ଦ୍‌ତି ?

344. What is called the wearing saree of the women ?

ସ୍ତ୍ରୀ ଲୋକମାନଙ୍କର ପିନ୍ଧିବା ଲୁଗାକୁ କ'ଣ କହନ୍ତି ?

ଟକିଲକ୍ ପିନ୍ଦ୍‌ତା ଗର୍‌ଣ୍ଡାକେ କାଇଁ ବଲ୍‌ତି ?

345. Do they weave that saree themselves ?

ସେମାନେ ସେହି ଲୁଗା ନିଜେ ବୁଣିଥାନ୍ତି କି ?

ସେଲକ୍ ସେ ଗର୍‌ଣ୍ଡା ଆପ୍‌ଣାସେ ବୁଣ୍‌ତି କି ?

346. Do you draw pictures on your walls ?

ତୁମେ ତୁମ ଘରର କାନ୍ଥରେ ଚିତ୍ରମାନ ଅଙ୍କନ କର କି ?

ତୁମି ତୁମାର ଗରେର୍ କାନ୍ତି ମନକେ ବାନାମନ-ଲେକାସ୍ କି ?

347. What types of pictures do you draw on your wall ?

ତୁମେ ତୁମ କାନ୍ଥରେ କେଉଁ ପ୍ରକାର ଚିତ୍ରମାନ ଅଙ୍କନ କର ?

ତୁମି ତୁମାର କାନ୍ତେ କୁନ୍ ରକମେର୍ ବାନାମନ୍ ଲେକାସ୍ ?

348. What is the name of your best friend ?

ତୁମର ପ୍ରିୟ ସାଙ୍ଗର ନାମ କ'ଣ ?

ତର୍ ଆନାଇ ସଙ୍ଗାର୍ ନାଉଁ କାଇଁ ?

349. What is the name of his village ?

ତାଙ୍କ ଗାଁର ନାମ କ'ଣ ?

ତାକାର୍ ଗାଉଁର୍ ନାଉଁ କାଇଁ ?

350. Have you put forth any demand before the Govt. ?

ସରକାରଙ୍କ ସମ୍ମୁଖରେ ତୁମେ କିଛି ଦାବୀ ଉପସ୍ଥାପନ କରିଛ କି ?

ସରକାର୍ ଟାଣେ ତୁମି କାଇବା ଦାବି ଜାଣାଇ ଆଚାସ୍ କି ?

351. What do you get from the forest in summer ?

ତୁମେ ଗ୍ରୀଷ୍ମଦିନେ ଜଙ୍ଗଲରୁ କ'ଣ ପାଅ ?

ତୁମି ଜେଟ୍‌ବେଡେ ଗଙ୍ଗରେର୍ ଅଣି କାଇଁ ମିଡ଼ାଓ୍ୱାସ୍ ?

352. Do you collect sal leaves from the jungle ?

ତୁମେ ଜଙ୍ଗଲରୁ ଶାଳ ପତ୍ର ସଂଗ୍ରହ କର କି ?

ତୁମି ଡ଼ଙ୍ଗରେର୍ ଅଣି ସର୍‌ଗି ହତାର ମିଡ଼ାଓ୍ୱାସ୍ କି ?

353. Do you take herbal medicine for fever ?

ଜ୍ୱର ହେଲେ ତୁମେ ଆୟୁର୍ବେଦିକ ଔଷଧ ସେବନ କର କି ?

ଜର୍ ଅଇଲେକ୍ ତୁମି ଚେର୍-ମୁଲ୍ ଅସ୍ କାହାସ୍ କି ?

354. Which flowers do you collect from the jungle ?

ଜଙ୍ଗଲରୁ ତୁମେ କେଉଁ କେଉଁ ଫୁଲ ସଂଗ୍ରହ କର ?

ଡ଼ଙ୍ଗରେର୍ ଅଣି ତୁମି କାଇଁ କାଇଁ ଫୁଲ୍ ମିଡ଼ାଓ୍ୱାସ୍ ?

355. Do you bring honey from the jungle ?

ଜଙ୍ଗଲରୁ ତୁମେ ମହୁ ଆଣ କି ?

ଡ଼ଙ୍ଗରେ ଅଣି ତୁମି ମୁଁ ଆଣାସ୍ କି ?

356. Which fruits and roots do you collect from the jungle ?

ତୁମେ ଜଙ୍ଗଲରୁ କେଉଁ ଫଳମୂଳ ସଂଗ୍ରହ କର ?

ତୁମି ଡ଼ଙ୍ଗରେର୍ ଅଣି କାଇଁ ଫଦ୍ - ମୂଦ୍ ଲୋଡି ଆଣାସ୍ ?

357. What type of fibre-objects do you collect from the jungle ?

ତୁମେ କେଉଁ କେଉଁ ତନ୍ତୁଜାତୀୟ ପଦାର୍ଥ ଜଙ୍ଗଲରୁ ସଂଗ୍ରହ କର ?

ତୁମି କାଇଁକାଇଁ / କୁନ୍ କୁନ୍ ସୁତାପର୍ ଜିନସୁ ଡଙ୍ଗରେର୍ ଅଣି ଲୋଡ଼ି ଆଣାସ୍ ?

358. What do you make from the fibres ?

ତନ୍ତୁଜାତୀୟ ପଦାର୍ଥରୁ ତୁମେ କ'ଣ କ'ଣ ତିଆରି କର ?

ସୁତା ବାର୍ତା ଫର୍ ଜିନ୍ସୁ ଟାଣେର୍ ଅଣି ତୁମି କାଇଁ କାଇଁ ତିଆର୍ କରାସ୍ ?

359. Do you collect Mohua flower from the forest ?

ତୁମେ ଜଙ୍ଗଲରୁ ମହୁଲ ସଂଗ୍ରହ କର କି ?

ତୁମି ଡ଼ଙ୍ଗରେର୍ / ବନେର୍ ଅଣି ମଉଲ୍ ଲୋଡ଼ି ଆଣାସ୍ କି ?

360. Do you make only wine from the Mohua flower ?

ତୁମେମାନେ ମହୁଲରୁ କେବଳ ମଦ ତିଆରି କର କି ?

ତୁମିମନ୍ ମଉଲ୍‌କେ ଅବ୍‌କା ମଦ୍ ତିଆର୍ କରାସ୍ କି ?

361. Do you get more forest produces from the jungle ?

ତୁମେ ଜଙ୍ଗଲରୁ ଅଧିକ ବନଜାତ ଦ୍ରବ୍ୟ ପାଉଛ କି ?

ତମ୍‌କେ ଡଙ୍ଗରେର୍ ଅଣି, ବନେମିଲ୍‌ବା ଜିନ୍ସୁ ଆନାଇଁ ମିଡୁଲି କି ?

362. If not, what are its causes?

ଯଦି ନୁହେଁ, ତାହେଲେ ଏହାର କାରଣ କ'ଣ। ?

ଯଦି ନାଇଁ ତେବେ ଇଟାର୍ କାରନ୍ କାଇଁ ? ଯଦି ନେ ମିଡ୍ଲି ତେବେ କାଇତାକ୍ ନେ ମିଡୁଲି ?

363. Do you collect oil seed from the forest?

ଜଙ୍ଗଲରୁ ତୁମେ ତୈଳବୀଜ ସଂଗ୍ରହ କର କି ?

ଡ଼ଙ୍ଗରେର୍ ଅଣି ତୁମି ଚିକଣ୍ ବାର୍ଉତା ଆଟି (ମୁଁଜି) ଲୋଡ଼ି ଆଣାସ୍ କି ?

364. What type of oil seed do you collect from the jungle?

ତୁମେ କେଉଁ ପ୍ରକାର ତୈଳବୀଜ ଜଙ୍ଗଲରୁ ସଂଗ୍ରହ କର ?

ତୁମି କୁନ୍ ରକମେର୍ ଚିକଣ୍ ବାର୍ତା ଆଟି ଡ଼ଙ୍ଗରେର୍ ଅଣି ଲୋଡି ଆଣାସ୍ ?

365. Which oil seed do you get much from the forest?

ଜଙ୍ଗଲରୁ ତୁମେ କେଉଁ ତୈଳବୀଜ ଅଧିକ ପାଇଥାଅ ?

ଡ଼ଙ୍ଗରେର୍ ଅଣି ତୁମି କୁନ୍ ଚିକଣ୍ ବାର୍ତା ଆଟି ଅଦିକ୍ ମିଡୁଲି ?

366. Do you go to the forest with your dog?

ତୁମେ ଜଙ୍ଗଲକୁ ଗଲାବେଳେ କୁକୁରକୁ ସାଥିରେ ନେଇ ଯାଅ କି ?

ତୁମି ଡଙ୍ଗରେ ଗଲା ବଦ୍ କୁକୁର୍ କେ ସଙ୍ଗେ ଦରି ଯାହାସ୍ କି ?

367. Do you hunt the animals only?

ତୁମେ କେବଳ ପଶୁ ଶୀକାର କର କି ?

ତୁମି ଅବ୍‌କା ପଶୁ ଅକା ବେଟ୍ କରାସ୍ କି ?

368. What do you do after hunting?

ଶୀକାର ପରେ ତୁମେ କ'ଣ କର ?

ବେଟ୍ କଲା ପାଚେ ତୁମି କାଇଁ କରାସ୍ ?

369. Do you distribute the meat among the neighbours ?

ପଡୋଶୀ ମାନଙ୍କ ମଧ୍ୟରେ ତୁମେ ମାଂସ ବଣ୍ଟନ କର କି ?

ଲଗେର୍ ଫାକେର୍ ଲକ୍‌ମନ୍‌କେ ମାଉଁସ୍ ବାଟା କରାସ୍ କି ?

370. Do you eat together in your family ?

ପରିବାରରେ ସମସ୍ତେ ମିଳିମିଶି ଭୋଜନ କର କି ?

ଗରର୍ ସବେଲକ୍ ମିଡିଜୁଡି କାଦି କାହାସ୍ କି ?

371. Do you do other cultivation except shifting cultivation ?

ପୋଡୁଚାଷ ବ୍ୟତୀତ ତୁମେ ଜଙ୍ଗଲରେ ଅନ୍ୟ ଚାଷ କର କି ?

ମାଡ଼ାତାସ୍, ଚାଡ଼ିଦିଲେକ୍ ତମେ ଡ଼ଙ୍ଗ୍‌ରେ ଆରି କାଇଁ ତାସ୍ କରାସ୍ କି ?

372. Do you get all things from the jungle ?

ତୁମେ ଜଙ୍ଗଲରୁ ପ୍ରତ୍ୟେକ ଜିନିଷ ପାଅ କି ?

ତୁମି ବନେ / ଡଙ୍ଗ୍‌ରେର୍ ଅଣି ସବୁ ଜିନ୍‌ସୁ ଫାଉଲାସ୍ କି ?

373. Do you completly depend on the forest for living ?

ତୁମେ ବଞ୍ଚିବା ପାଇଁ ଜଙ୍ଗଲ ଉପରେ ସଂପୂର୍ଣ୍ଣ ନିର୍ଭର କର କି ?

ତୁମି ବଚୁକ୍ ଡ଼ଙ୍ଗ୍‌ର୍ ଉଫ୍‌ରେ ଆଁକା ଆଶା କରାସ୍ କି ?

374. Forest is the life of the tribal people. Is it true ?

“ଜଙ୍ଗଲ ଆଦିବାସୀ ମାନଙ୍କର ଜୀବନ”– ଏହା ସତ୍ୟ କି ?

“ଡ଼ଙ୍ଗୁର୍ ଆଦିବାସୀ ମନାର ଜୀବନ୍” - ଇ କାତା ସତ୍ କି ?

375. Why are you cutting trees from the forest ?

ତୁମେ ଜଙ୍ଗଲରୁ ଗଛଗୁଡ଼ିକୁ କାହିଁକି କାଟୁଛ ?

ତୁମି ଡଙ୍ଗରେର୍ ଗଚ୍ କାଇଁତାକ୍ ମାରୁଲାସ୍ ?

376. Forest is everything for the tribal people. What is your personal view about this?

"ଆଦିବାସୀମାନଙ୍କ ପାଇଁ ଜଙ୍ଗଲ ହେଉଛି ସବୁକିଛି"– ଏହି ବିଷୟରେ ତୁମର ମତ କ'ଣ ?

"ଆଦିବାସୀ ମନ୍ନାର ଅଣି ବନ୍ / ଡଙ୍ଗର ସବୁକିବ୍" ଏ ବିଷଇ ତୁମି କାଇଁ ବଲୁଲାସ୍ ?

377. Do you always struggle for existence / survival?

ତୁମେମାନେ ସବୁବେଳେ ବଞ୍ଚିବା ପାଇଁ ସଂଗ୍ରାମ କର କି ?

ତୁମି ମନ୍ ସବୁବେଡେ ବଂଚବା ଫାଇଁ କଷ୍ଟ୍ କରାସ୍ କି ?

378. Is it possible for a tribal to live without forest?

ଜଙ୍ଗଲ ବିନା ଜଣେ ଆଦିବାସୀ ବଞ୍ଚିବା ଅସମ୍ଭବ କି ?

ଡ଼ଙ୍ଗୁର୍ ନଇଲେକ୍ ଗଟେକ୍ ଆଦିବାସୀଲକ୍ ଜୀଉଁକ୍ ନ ଫାରେ କି?

379. Besides Mahua which other seeds do you collect from jungle for preparing wine?

ମହୁଲ ବ୍ୟତୀତ ତୁମେ ଅନ୍ୟ କେଉଁ ମଞ୍ଜି ମଦ ତିଆରି ପାଇଁ ଜଙ୍ଗଲରୁ ସଂଗ୍ରହ କର ?

ମଉଲକେ ଚାଡ଼ି ଦିଲେକ୍ ଆରି କୁନ୍ ଆଟି / ମୁଂଜି ମଦ୍ ତିଆର୍ କରୁକ୍ ଡ଼ଙ୍ଗରେର୍ ଅଣି ଲୋଡ଼ି ଆଣାସ୍ କି ?

380. What type of flowers do they collect from the forest?

ଜଙ୍ଗଲରୁ ସେମାନେ କେଉଁ ପ୍ରକାରର ଫୁଲ ସଂଗ୍ରହ କରିଥାନ୍ତି ?

ଡ଼ଙ୍ଗରେର୍ ଅଣି ସେମନ୍ କୁନ୍ ରକମେର୍ ଫୁଲ୍ ଲୋଡ଼ି ଆଣତି ?

381. How many children of your family are there going to school now?

ତୁମ ପରିବାରରୁ କେତେଜଣ ପିଲା ବର୍ତ୍ତମାନ ବିଦ୍ୟାଳୟକୁ ଯାଉଛନ୍ତି ?

ତୁମାର ଗରେର୍ କତି ଗଟ୍ ଫିଲା ଆବେ ଇସ୍କୁଲ୍ ଯଉଁଲାଇଁ ?

382. Have the children stopped their study ?

ପିଲାମାନେ ପାଠପଢ଼ା ବନ୍ଦ କରିଦେଲେଣି କି ?

ହିଲାମନ୍ ଫାଟ୍ ଫଡୁକ୍ ଛାଡ଼ି ଦିଲ୍ଲାଇଁ କି ?

383. Why do they stop their learning / study ?

ସେମାନେ କାହିଁକି ପାଠପଢ଼ା ବନ୍ଦ କରିଦେଲେ ?

ସେମନ୍ କାଇଁ ତାକ୍ ଫାଟ୍ ଫଡୁକ୍ ଚାଡି ଦିଲ୍ଲାଇଁ ?

384. What are the problems with them ?

ସେମାନଙ୍କର କ'ଣ ସବୁ ଅସୁବିଧା ହୋଇଛି ?

ସେମନ୍କର୍ କାଇଁ ଅସୁବିଦା ଅଇଁଆଚ୍ ?

385. What do they expect from you now ?

ସେମାନେ ବର୍ତ୍ତମାନ ତୁମଠାରୁ କ'ଣ ଚାହୁଁଛନ୍ତି ?

ସେମନ୍ ଆବେ ତୁମାର୍ ଠେଇ କାଇଁ ଆଶାକେରୁଲାଇଁ ?

386. Except study do they want other works to do ?

ପାଠପଢ଼ା ବ୍ୟତୀତ ସେମାନେ ଅନ୍ୟକାମ କରିବାକୁ ଚାହୁଁଛନ୍ତି କି ?

ଫାଟ୍ ଫଢ୍ତାର ଚାଡ଼ି ଦିଲେକ୍ ଆରି ବିନ୍ କାମ୍ କରୁକ୍ ମନ୍କରୁଲାଇଁ କି ?

387. What do they want to do now ?

ସେମାନେ ବର୍ତ୍ତମାନ କ'ଣ କରିବାକୁ ଚାହୁଁଛନ୍ତି ?

ସେଲକ୍ ଆବେ କାଇଁ କରୁକ୍ ମନ୍ କେରୁଲାଇଁ ?

388. Do they get peace from any other work ?

ସେମାନେ ଅନ୍ୟକାମରୁ ଶାନ୍ତି ପାଆନ୍ତି କି ?

ସେମନ୍ କେ ଅଇନ୍ / ବିନ୍ କାମ୍ କଲେକ୍ ଶାନ୍ତି ମିଡୁଲି କି ?

389. Do the government provide study materials for the tribal children ?

ସରକାର ଆଦିବାସୀ ପିଲାମାନଙ୍କ ପାଇଁ ପାଠ୍ୟଉପକରଣ ଯୋଗାଇ ଥାଆନ୍ତି କି ?

ସରକାର୍ ଆଦିବାସୀ ହିଲାମନ୍ନାର୍ ଅଣି ଫାଟ୍ ଫଡ୍ତା ସାମାନ୍ ଇଦ୍ରେ ଦେଉଁଲାଇଁ କି ?

390. Can you speak well in your native language ?

ତୁମେ ତୁମ ଭାଷାରେ ଭଲ ଭାବରେ କହିପାରିବ କି ?

ତୁମି ତୁମାର୍ ବାସାଇଁ ନିକାକରି କଉଁ ଫାର୍ସି କି ?

391. How do you address this in tribal language ?

ତୁମେ ଏହାକୁ ଆଦିବାସୀ ଭାଷାରେ କିପରି କୁହ ?

ତୁମି ଏଟାକ୍ ଆଦିବାସୀ ବାସାଇଁ କେନ୍ କରି କୁଆସ୍ ?

392. Have the government provided you any loan ?

ସରକାର ତୁମକୁ କିଛି ଋଣ ଯୋଗାଇଛନ୍ତି କି ?

ସର୍କାର୍ ତମ୍କେ କେତେକ୍ ବା ରିଣ ଦେଇ ଆତ୍ବତି କି ?

393. Who understands your sorrows ?

କିଏ ତୁମ୍ଭମାନଙ୍କର ଦୁଃଖ ବୁଝନ୍ତି ?

ତୁମାର୍ ଦୁକ୍ କେ ବୁଜୁଲା / ବୁଜୁଲି ?

394. How many poor people are there in your village ?

ତୁମ ଗାଁରେ କେତେଜଣ ଗରିବ ଲୋକ ଅଛନ୍ତି ?

ତୁମାର୍ ଗାଏଁ କେତି ଲକ୍ ନତା (ଗରୀବ୍) ଲକ୍ ଆଟ୍ତି / ଆଦ୍ତି ?

395. Did they get loan last year ?

ସେମାନେ ଗତବର୍ଷ ଋଣ ପାଇଥିଲେ କି ?

ସେମନ୍ ପରୁବର୍ଷେ ରିଣ ପାଇଁରିଲାଇଁ କି ?

396. Did any Minister come to your village last year ?

ତୁମ ଗ୍ରାମକୁ ଗତବର୍ଷ କୌଣସି ମନ୍ତ୍ରୀ ଆସିଥିଲେ କି ?

ତୁମାର ଗାଁଏଁ ପରୁବର୍ଷେ କୁନ୍‌ବା ମିତ୍ର ଆସି ରିଲାଇଁ କି ?

397. Do you know singing ?

ତୁମେ ଗୀତ ବୋଲି ଜାଣ କି ?

ତୁଇଁ ଗୀତ୍ କଉଁ ଜାଣ୍‌ସି କି ?

398. Do the oldmen of your village get oldage pension ?

ତୁମଗ୍ରାମର ବୃଦ୍ଧାମାନେ ବାର୍ଦ୍ଧକ୍ୟ ଭତ୍ତା ପାଆନ୍ତି କି ?

ତୁମାର୍ ଗାଉଁର୍ ଡକ୍‌ରା ଡକ୍‌ରୀ ପିଚ୍‌ନି ପାଉଲାଇଁ କି ?

399. Who is your dearest fellow ?

ତୁମର ଅତି ନିଜର କିଏ ?

ତର୍ ଅଦିକ୍ ଆପ୍‌ଣାର୍ କେ ?

400. Do you live happily now ?

ତୁମେ ବର୍ତ୍ତମାନ ସୁଖରେ ଚଳୁଛ କି ?

ତୁମି ଆବେ ସୁକେ ଚଲୁଲାସ୍ କି /

ତୁମି ଆବେ ନିକାକରି ଜିଉଁଲାସ୍ କି ?

❖❖❖

## Some Polite Words & Phrases
## କେତେକ ଶିଷ୍ଟାଚାର ଶବ୍ଦ ଓ ଖଣ୍ଡବାକ୍ୟ

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| Please | ଦୟାକରି | ଦୟାକରି |
| Thanks | ଧନ୍ୟବାଦ ସହ | ଧଇନ୍‌ବାଦ୍ |
| It's my pleasure | ଖୁସି ହୋଇ | ସାର୍‌ଦା ହଇଁ |
| Allow me | ଅନୁମତି ଦିଅ | ଅନ୍‌ମତି ଦିଆ |
| After you | ତୁମ ପରେ | ତର୍ ପାଚେ |
| Sorry | ଦୁଃଖିତ | ଦୁକ୍ କେରୁଲେ |
| Pardon | କ୍ଷମା, ମାର୍ଜନା କର | କ୍ଷେମା କର୍ |
| No mention | କିଛି କଥାନାହିଁ | କିଚ୍ କାତା ନାଇଁ |
| Kindly | ଦୟାକରି | ଦୟାକର୍ |
| Certainly | ସୁନିଶ୍ଚିତ | ନିଜ୍ ଭେ |
| Of course | ସମ୍ଭବତଃ | ହଇଁରେଦ୍ |

I am sorry, I got little late

କ୍ଷମା କରନ୍ତୁ, ମୋର ଡେ଼ରି ହୋଇଗଲା ।

କ୍ଷେମା କର୍ - ମୁ ଆସୁକ୍ ବେଢ୍ ଅଇଗଲି ?

I am very sorrow.

ମୁଁ ବହୁତ ଦୁଃଖିତ ।

ମୁଇଁ ବଡ଼େ ଦୁକ୍ କେରୁଲେ ?

Sorry to have disturbed you.

ଆପଣଙ୍କ କାମରେ ବ୍ୟାଘାତ ଘଟାଇବାରୁ ମୁଁ ଦୁଃଖିତ ।

ତୋର୍ କାମଟାଣେ ଗବ୍‌ରାଇଁ ଦିଲେ ଏଟାର୍ ପାଇଁ ମୁଁ ଦୁଃକ୍ କେରୁଲେ

May I have your attention please ?
ଦୟାପୂର୍ବକ ଧ୍ୟାନ ଦିଅନ୍ତୁ ?
ଦୟାକରି ବଲ୍ କରି ଦେକ୍ ?
Will you please move a bit ?
ଆପଣ ଟିକିଏ ଘୁଞ୍ଚିପାରିବେ କି ?
ତୁଇଁ କଣ୍ଟେକ୍ ଗୁଚ୍ଚୁ ଫାର୍‌ସି କି ?
I am very sorry, I couldnot make it in time ?
ମୁଁ ନିର୍ଦ୍ଧାରିତ ସମୟରେ କରି ପାରିଲି ନାହିଁ, ସେଥିପାଇଁ ଦୁଃଖିତ ।
ମୁଇଁ ଟିକ୍ ସମ ବିତ୍‌ରେ କେରୁ ନହାର୍‌ଲେ ସେଟାର୍ ଅଣି ଦୁକ୍ କେରୁଲେ ?
It was all by mistake, please excuse me.
ଭୁଲରେ ଏପରି ହୋଇଗଲା, କ୍ଷମା କରନ୍ତୁ ।
ମୁଇଁ ବୁଲ୍ କେରି ଦିଲେ କ୍ଷେମା କର୍ ।
Will you permit me to speak ?
ଆପଣ ମୋତେ କହିବାକୁ ଆଜ୍ଞା ଦେବେ କି ?
ତୁଇଁ ମକେ କଉଁକ୍ କ-ସି କି ?
Would you please let me sit ?
ଆପଣ ଦୟାକରି ମୋତେ ବସିବାକୁ ଦେବେ କି ?
ତୁଇଁ ଦୟାକରି ମୋକେ ବସୁକ୍ ଦେସି କି ?
Allow me to say.
କହିବାକୁ ଆପଣ ଅନୁମତି ଦିଅନ୍ତୁ ।
ମୋକ୍ କଉଁକ୍ ଅନ୍‌ମତି ଦେ ?
Let me also help you.
ଆପଣଙ୍କର କାର୍ଯ୍ୟରେ ମୋତେ ସାହାଯ୍ୟ କରିବାକୁ ଦିଅନ୍ତୁ ।
ତର୍ କାମ୍ ଟାଣେ ମକେ ସାଇଜ୍ କରବାକେ କ
Would you mind keeing a low tone please.
ଆପଣ ଦୟାକରି ଟିକିଏ ଆସ୍ତେ କହିପାରିବେ କି ?
ତୁଇ ଦୟାକରି କଣ୍ଟେକ୍ ଦିରେ କରି କଉଁ ପାର୍‌ସି କି ?

❖❖❖

# Sentences of order & request

## ଆଦେଶ /ଅନୁମତି ଓ ପ୍ରାର୍ଥନାର ବାକ୍ୟ

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| Stop | ବନ୍ଦକର | ବନ୍ଦ୍କର୍ |
| Speak | କୁହ | କ୍ |
| Listen | ଶୁଣ | ଶୁନ୍ |
| Wait here | ଏଠାରେ ଅପେକ୍ଷା କର | ଇତି ଯାଗିରେ |
| Come here | ଏଠାକୁ ଆସ | ଇତି ଆଉ |
| Look here | ଏହିଆଡ଼େ ଦେଖ | ଇତଉଁ ଦେକ୍ |
| Take it | ଏହା ନିଅ | ଏଟା ନେ / ଇରି ନେ |
| Come near/here | ପାଖକୁ ଆସ | ଲଗେ ଆଉ |
| Wait outside | ବାହାରେ ଅପେକ୍ଷା କର | ପଦାଇଁ ଜାଗି ରେ |
| Go up | ଉପରକୁ ଯାଅ | ଉପ୍ରେ ଯା |
| Go down | ତଳକୁ ଯାଅ | ତଡ଼େ ଯା |
| Get off | ଓହ୍ଲାଇ ଯାଅ | ଉତରି ଯା |
| Be ready/get reddy | ପ୍ରସ୍ତୁତ ହୁଅ | ତିଆର ଫଡ୍ |
| Be silent/keep quiet | ନୀରବ ରୁହ | ଚିମ୍ରା ହ |
| Be careful/be cautious | ସାବଧାନ | ସାବ୍ଦାନ୍ |
| Go slowly | ଧୀରେ ଚାଲ | ଦିରେ ହିଣ୍ଡ୍ ଇଣ୍ଡ |
| Go at once | ଶୀଘ୍ର ଯାଅ | ଦାପ୍ଏ ଯା/ଦାପ୍ୟେଯା |
| Go straight | ସିଧା ଯାଅ | ସଡ୍କେ ଯା |
| Go away/get out | ଚାଲିଯାଅ | ଉଟି ଯା |
| Clean properly | ଠିକ୍ ଭାବେ ସଫାକର | ନିକାକେରି ସାପାକର |

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| Don't go | ଯାଅ ନାହିଁ | ଯା ନାଇଁ / ନଯା । |
| Don't forget | ଭୁଲ ନାହିଁ | ବୁଲ୍ ନାଇଁ/ପାସର୍ ନାଇଁ । |
| Don't break it | ଏହା ଭାଙ୍ଗ ନାହିଁ | ଏଟା ବାଙ୍ଗାଉ ନାଇଁ । |
| Don't trouble me | ମୋତେ ବିରକ୍ତ କରନ୍ତୁ ନାହିଁ | ମକେ ଗିଦ୍‌ରି କରାଉ ନାଇଁ । |
| Do try again | ପୁଣି ଚେଷ୍ଟା କର | ଆରି ଚେରେଷ୍ଟା କର୍ । |
| Don't cut jokes | ଥଟ୍ଟା କରନାହିଁ | ଟାପ୍‌ରା/ଫଣ୍ଟୁଆ କର୍‌ନାଇଁ । |
| Never mind | ଖରାପ ଭାବନ୍ତୁ ନାହିଁ | କାରାପ୍ ବାବ୍ ନଇଁ । |
| Don't delay | ବିଳମ୍ବ କର ନାହିଁ | ବେଡ୍ କର୍‌ନାଇଁ । |
| Don't worry | ବ୍ୟସ୍ତ ହୁଅ ନାହିଁ | ତାଦ୍‌ରା ନ-ହ । |
| Don't tease him | ତାକୁ ଚିଡ଼ାଅ ନାହିଁ | ତାକ୍ ଗିଦ୍‌ରି କରାଓ୍ୱା ନାଇଁ |
| Please wait a bit | ଟିକିଏ ଅପେକ୍ଷା କରନ୍ତୁ | ଚଣେକ୍ ଢାଗା । |
| Please come here | ଦୟାକରି ଏଠାକୁ ଆସନ୍ତୁ | ଇତି ଚଣେକ୍ ଆସା । |
| Please come in | ଦୟାକରି ଭିତରକୁ ଆସନ୍ତୁ | ଦୟାକରି ବିତ୍‌ରେ ଚଣେକ୍ ଆସା |
| Please be seated | ଦୟାକରି ଆସନ ଗ୍ରହଣ କରନ୍ତୁ | ଦୟାକରି ଇତି ବସା । |
| Please reply | ଦୟାକରି ଉତ୍ତର ଦିଅନ୍ତୁ | ଦୟାକେରି କୁଆ । |
| Please sign here | ଦୟାକରି ଏଠାରେ ସ୍ୱାକ୍ଷର କରନ୍ତୁ | ଦୟାକେରି ଇତି ସତକ୍ କରା |
| Please stay a litter longer | ଦୟାକରି ଆଉ ଟିକିଏ ରୁହନ୍ତୁ | ଦୟାକେରି ଚଣେକ୍ ରିଆ । |
| As you like/As you please | ଯାହା ଆପଣଙ୍କ ଇଚ୍ଛା | ତର ମନ୍ । |
| Please come again | ଦୟାକରି ପୁଣି ଆସନ୍ତୁ | ଦୟାକେରି ଆର ଉଦେକ୍ ଆସା |
| Keep your home clean | ନିଜ ଘର ସଫା ରଖନ୍ତୁ | ଆପଣାର ଘର୍ ସାପା ରକା |
| Follow me / come with me | ମୋତେ ଅନୁସରଣ କର | ମର ପାଚେ ପାଚେ ଆଉ |

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| Vacate the place | ଯାଗା ଖାଲି କର | ଯାଗା କାଲି କର୍ । |
| Watch him | ତାଙ୍କୁ ଲକ୍ଷ୍ୟ ରଖ | ତାକ୍ ଦେକ୍‌ତେ ରେ । |
| Don't be silly | ବୋକା ବା ପାଗଳ ହୁଅ ନାହିଁ | ବଣ୍ଣୁଆ, ବିଆ ପର୍‌ହ ହ ନାଇଁ |
| Take care of him / her | ତାଙ୍କର ଯତ୍ନ ନିଅ | ତାକାର ଜତନ୍ ନିଆଁ |
| Think before you speak | ବୁଝି ବିଚାରି କୁହନ୍ତୁ | ବୁଜି ବିଚାର କେରି କୁଆ |
| Come soon | ଚଞ୍ଚଳ ଆସ | ଦାଫେ ଆଉ । |
| Mind your own busineess | ନିଜ କାମ କର | ଆଫଣାର କାମ୍ କେରା । |
| Go ahead | ଆଗକୁ ଚାଲ | ଆଗେ ଯୁ । |
| Look ahead | ଆଗକୁ ଦେଖ | ମୁଆଟ ବାଟେ ଦେକ୍ |
| May I come in | ମୁଁ ଭିତରକୁ ଆସିପାରେ କି ? | ମୁଇଁ ବିତ୍‌ରେ ଆସିନ୍ କି ? |
| Yes, You may | ହଁ, ତୁମେ ଆସିପାର । | ହଁ, ତୁଇଁ ଆଇଲେକ ଅଇଦେ ? |
| Good morning, Sir | ନମସ୍କାର, ଆଜ୍ଞା | ନିମାସ୍‌କାର/ନମାସ୍‌କାର୍, ଅଁଜ୍ଞା |
| Good morning | ନମସ୍କାର | ନମାସ୍‌କାର୍ |
| Please sit here | ଦୟାକରି ଏଠାରେ ବସନ୍ତୁ । | ଦୟାକରି ଇତିଇଁ ବସା |
| Your name please | ଦୟାକରି ଆପଣଙ୍କ ନାମ କହିବେ କି ? | ଦୟାକେରି ତର ନାଓ କସିକି ? |
| Where are you from | ଆପଣ କେଉଁଠାରୁ ଆସିଛନ୍ତି ? | ତୁଇଁ କୁତ୍ ତିର ଅଣି ଆସି ଆଚସି |
| How are you ? | ଆପଣ କିପରି ଅଛନ୍ତି ? | ତୁଇଁ କେନକାର୍ ଆଚ୍‌ସି |
| What is the matter ? | କଥା କ'ଣ ? | କାଇଁ କାତା |
| Are all well there ? | ସେଠାରେ ସମସ୍ତେ ଭଲ ଅଛନ୍ତି ତ ? | ସେତି ସବେ ନିକାସେ ଆଚତି କି ? |
| How are you ? | ଆପଣଙ୍କ ଖବର କ'ଣ ? | ତର୍ କବୁର୍ କାଇଁ |
| How are the children ? | ପିଲାମାନେ କିପରି ଅଛନ୍ତି ? | ପିଲାଟକି କେନ୍‌କାର ଆଚତି |

| ଇଂରାଜୀ | ଓଡ଼ିଆ | ପରଜା ରୂପ |
|---|---|---|
| What are you doing now ? | ଆପଣ ଏବେ କ'ଣ କରୁଛନ୍ତି ? | ତୁଇଁ ଆବେ କାଇଁ କେତୁଇଲିସ୍ |
| What are you looking for ? | ଆପଣ କ'ଣ ଖୋଜୁଛନ୍ତି ? | ତୁଇଁ କାଇଁ ଲୋଡୁଲିସ୍ |
| What do you eat today ? | ଆପଣ ଆଜି କ'ଣ ଖାଉଛନ୍ତି ? | ତୁଇଁ ଆଜି କାଇଁ କାଇ ଆଟସି |
| Did you come here before? | ଆପଣ ପୂର୍ବରୁ ଏଠାକୁ ଆସିଥିଲେ କି ? | ତୁଇଁ ଆଗଡେ ଇତି ଆସି ଲିଗିସକି |
| What is about the village ? | ଗାଁ ଖବର କ'ଣ ? | ଗାଁଉଁ କହୁର୍ କାଇଁ / କାଇଁ କବୁର୍ |
| What did you say ? | ଆପଣ କ'ଣ କହିଲେ ? | ତୁଇଁ କାଇଁ ବଲ୍ - ଲିସ୍ |
| Is the village climate well ? | ଗାଁର ଜଳବାୟୁ ଭଲ ତ ? | ଗାଉଁର୍ ପାଣି-ପବୁନ୍ ନିକା ସେକି? |
| It is fine | ଏହା ଭଲ । | ଇଟା ନିକା |

❖❖❖